# ଜମିରେ ଗୋରୁ ଚରିଲେଣି

**ପରଜଙ୍ଗ, ୨୪।୭(ଡି.ଏନ୍.ଏ.)**

■ପରଜଙ୍ଗରେ ସ୍ଥିତି ସଙ୍ଗିନ

■ଜୁଲାଇରେ ମାତ୍ର ୧୭% ବର୍ଷା

■ତଳି ବଞ୍ଚାଇବା ଚିନ୍ତାରେ ଚାଷୀ

ଧାରା ଶ୍ରାବଣରେ ଗ୍ରୀଷ୍ମର ଉହକ। ଯେଉଁ ସମୟରେ ବିଲ ପାଣିରେ ବୁଡ଼ି ରହିବା କଥା, ସେହି ସମୟରେ ଜମି ଫାଟି ଆଁ କରିଛି। ତଳି ପକାଇ ବର୍ଷାକୁ ଅନାଇ ରହିଥିବା ଚାଷୀ ସବୁ ଆଶା ତୁଟାଇ ସାରିଲେଣି। କେତେକ ସ୍ଥାନରେ ଗଜା ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଧାନ ଜମିରେ ଗୋରୁ ଚରିଲେଣି। ସପ୍ତାହକ ମଧ୍ୟରେ ବର୍ଷା ନ ହେଲେ ଚାଷ ଉଜୁଡ଼ି ଯିବା ଏକ ପ୍ରକାର ନିଶ୍ଚିତ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଚାଷୀ।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ସ୍ୱଳ୍ପବର୍ଷା ପାଇଁ ପ୍ରଥମରୁ ଝୁଣ୍ଟିଛି ଚାଷ। ଜମିରେ ପାଣି ନ ଥିବାରୁ ବେଉଷଣ ହୋଇପାରିନାହିଁ। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇରେ ମାତ୍ର ୧୭% ବର୍ଷା ହୋଇଛି। ଜୁନ୍‌ରେ ଧାନ ଚାଷ ପାଇଁ ୨୨୫.୭ ମିମି ବର୍ଷା ଆବଶ୍ୟକ ଥିବାବେଳେ ମାତ୍ର ୧୪୩ମିମି ବର୍ଷା ହୋଇଥିଲା। ସେହିପରି ଜୁଲାଇରେ ୩୧୭.୯ ମିମି ସ୍ଥାନରେ ମାତ୍ର ୫୪ମିମି ବର୍ଷା ହୋଇଛି। ଫଳରେ ଚାଷ କାର୍ଯ୍ୟ ଠପ୍ ହୋଇଯାଇଛି।

ବ୍ଲକରେ ଚଳିତ ବର୍ଷ ୧୦,୪୬୪ ହେକ୍ଟର ଜମିରେ ଖରିଫ୍ ଧାନ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସେଥିରୁ ୬,୫୩୦ ହେକ୍ଟରରେ ବୁଣା ଧାନ ଏବଂ ୩,୯୩୪ ହେକ୍ଟରରେ ରୁଆ ଧାନ। ଜୁଲାଇ ତୃତୀୟ ସପ୍ତାହ ସୁଦ୍ଧା ୬,୫୩୦ ହେକ୍ଟର ଜମିରେ ଧାନ ବୁଣା ହୋଇଛି। ହେଲେ ମାତ୍ର ୩୨୦ ହେକ୍ଟର ଜମିରେ ରୁଆ କାର୍ଯ୍ୟ ଶେଷହୋଇଛି। ସେହିପରି ୧୩୦ ହେକ୍ଟର ଜମିରେ ବେଉଷଣ ହୋଇଥିବାବେଳେ ୬,୪୦୦ ହେକ୍ଟରରେ ଏବେ ସୁଦ୍ଧା ବେଉଷଣ ଆରମ୍ଭ ହୋଇନାହିଁ। ଅନ୍ୟପଟେ ଧାର୍ଯ୍ୟ କରାଯାଇଥିବା ୧୦,୨୦୦ ହେକ୍ଟର ଅଣଧାନ ଫସଲ ମଧ୍ୟରୁ ୭,୩୧୫ ହେକ୍ଟରରେ ଚାଷ ହୋଇଛି।

ଜଳସେଚନ ବ୍ୟବସ୍ଥା ଅନୁଧ୍ୟାନ କଲେ ବ୍ଲକ ଅଞ୍ଚଳର ୭ପ୍ରକଳ୍ପ ଚାଷକୁ ପାଣି ଯୋଗାଉଛି। ୧୪,୧୨୫ ହେକ୍ଟର ଚାଷଜମିକୁ ପାଣି ମଡ଼ାଇବା ସୁବିଧା କରାଯାଇଛି। ହେଲେ ବର୍ଷା ଅଭାବରୁ ଜଳଭଣ୍ଡାର ଶୁଖିଲା ପଡ଼ିଛି। ଭୂତଳ ଜଳସ୍ତର କମିଯାଇଥିବାରୁ ଉଠାଜଳସେଚନ ମଧ୍ୟ ଚାଷକୁ ପାଣି ଯୋଗାଇବା ଅବସ୍ଥାରେ ନାହିଁ। ଚାଷୀଙ୍କ ସୁବିଧା ପାଇଁ ଦଦରାଘାଟି, ରେଙ୍ଗାଳି ମୁଖ୍ୟ ବାମ କେନାଲରେ ଯଦିଓ ପାଣି ଛଡ଼ାଯାଇଛି, ତେବେ ପରିଚାଳନା ଅଭାବରୁ ଚାଷୀ ଠିକ୍ ଭାବେ ପାଣି ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଚାଷୀଙ୍କୁ ଏବେ ଘାରିଛି ତଳି ବଞ୍ଚାଇବା ଚିନ୍ତା।

ଏ ନେଇ ସହକାରୀ କୃଷି ଅଧିକାରୀ ବରୁଣ କୁମାର ବେହେରା କୁହନ୍ତି, ଜୁଲାଇରେ ଯେତିକି ବର୍ଷା ହେବା କଥା ସେତିକି ହୋଇନାହିଁ। ଚଳିତ ମାସରେ ବର୍ଷା ନ ହେଲେ ମରୁଡ଼ି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏପରି ହେଲେ ଧାନ ଚାଷ ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ିବ ବୋଲି ସେ କହିଛନ୍ତି।


ଧାନ ଜମିରେ ଗୋରୁ ଚରୁଛନ୍ତି।

■ଅଶୀ ବର୍ଷରେ ଅସହାୟ

# ଇଚ୍ଛା ମୃତ୍ୟୁ ଲୋଡ଼ିଲେ ବିଧବା ଚିନା

**ପରଜଙ୍ଗ, ୨୪।୭(ଡି.ଏନ.ଏ.)**



କଙ୍କାଳସାର ଶରୀର। ଥରଥର ହେଉଛି ଗୋଡ଼ହାତ। ଅଣ୍ଟା ସଳଖି ଛିଡ଼ା ହେବାକୁ ଜୁ ନାହିଁ। କୋରଡ଼କୁ ପଶିଗଲାଣି ଆଖି। ଯେକେହି ବି ଦେଖିଲେ ସହଜରେ ବାରିପାରିବ ଅସହାୟତା। ହେଲେ ଏହାକୁ ଦେଖିପାରିନାହାନ୍ତି ପ୍ରଶାସନିକ ଅଧିକାରୀ। ତେଣୁ ୮୦ ବର୍ଷ ବିତିଯିବା ପରେ ବି ତାଙ୍କ ନାମ ଯୋଡ଼ି ହୋଇପାରିନି ଭତ୍ତା ତାଲିକାରେ। ମିଳିନି ଖଣ୍ଡିଏ ଘର କି ରାଶନ କାର୍ଡ। ବାରମ୍ବାର ପ୍ରଶାସନର ହତାଦରର ଶିକାର ହେବା ପରେ ଶେଷରେ ନିରୁତ୍ସାହିତ ହୋଇ ବିଧବା ବୃଦ୍ଧା ଚିନା ନାୟକ ଲୋଡ଼ିଛନ୍ତି ଇଚ୍ଛା ମୃତ୍ୟୁ, ଯାହା ପ୍ରଶାସନିକ ଅଧିକାରୀଙ୍କ ଚରମ ଅବହେଳାକୁ ପଦାକୁ ଆଣିଛି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ଭେଜିଆ ୩ନଂ. କଲୋନୀରେ ରୁହନ୍ତି ଚିନା। ବୟସ ୮୧ ଟପିଲାଣି। ସନ୍ତାନସନ୍ତତି କେହି ନାହାନ୍ତି। ସ୍ୱାମୀଙ୍କ ମୃତ୍ୟୁପରେ ସେ ଏବେ ସମ୍ପୂର୍ଣ୍ଣ ଏକା। ଅସହାୟ ଅବସ୍ଥାରେ ଜୀବନ ବିତାଉଥିଲେ ମଧ୍ୟ ତାଙ୍କୁ ମିଳୁନାହିଁ ବିଧବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା। ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ଖଣ୍ଡିଏ ପାଇଁ ଆବେଦନ କରି ସେ ଥକି ପଡ଼ିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ନ ଥିବାରୁ ସେ ବହୁ କଷ୍ଟରେ ରହୁଛନ୍ତି। ଏପରି ଦୁର୍ଦ୍ଦିନରେ ବଞ୍ଚିବା ଅପେକ୍ଷା ମରିଯିବା ଭଲ ବୋଲି ବିଚାର କରି ସେ ଜିଲାପାଳଙ୍କ ନିକଟରେ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି। ନିଜ ପ୍ରତିକ୍ରିୟାରେ ଚିନା କୁହନ୍ତି, ସରକାର ଜନ୍ମଠାରୁ ମୃତ୍ୟୁ ଯାଏ କେତେକଣ ଯୋଜନା କରୁଥିବା କହିବୁଲୁଛନ୍ତି। ଯଦି ୮୦ ବର୍ଷର ବୁଢ଼ୀକୁ ଖାଇବାକୁ ଗଣ୍ଡେ କି ମୁଣ୍ଡ ଉପରେ ଛାତ ଖଣ୍ଡେ ନ ମିଳିଲା ତେବେ ଏତେ ଯୋଜନା ଥାଇ କି ଲାଭ ବୋଲି ସେ କ୍ଷୋଭର ସହ କହିଛନ୍ତି।

ଏ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ଅଭିଯୋଗ ସମ୍ପର୍କରେ ସୂଚନା ମିଳିଛି। ଜଣେ ବୃଦ୍ଧା କିଭଳି ସବୁ ଯୋଜନାରୁ ବଞ୍ଚିତ ହୋଇରହିଛନ୍ତି ତାହାର ଅନୁଧ୍ୟାନ କରାଯିବ। ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**କାମାକ୍ଷାନଗର, ୨୪।୭(ଡି.ଏନ୍.ଏ.):** କଙ୍କଡ଼ାହାଡ଼ ଥାନା ଡଙ୍ଗାପାଳ ନିକଟରେ ମଙ୍ଗଳବାର ରାତି ପ୍ରାୟ ୨ଟା ବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ସେ ହେଲେ ଡଙ୍ଗାପାଳ କଲୋନୀସାହିର ଭାଇଗ ମୁଣ୍ଡା (୨୨)। ଏଥିରେ କେନ୍ଦୁଝର ଜିଲା କାଳିଆହତା ପଞ୍ଚାୟତ କାଟେଣି ସାହିର ଝାଲିଆ ପିଙ୍ଗୁଆ ଏବଂ ଡଙ୍ଗାପାଳର ଜିତୁ ମୁଣ୍ଡା ଗୁରୁତର ହୋଇଛନ୍ତି। ସେମାନେ ଏକ ବାଇକ୍‌ରେ କଙ୍କଡ଼ାହାଡ଼ରୁ ଡଙ୍ଗାପାଳ ଆସୁଥିବାବେଳେ ରାସ୍ତା ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ରେ ପିଟି ହୋଇ ଛିଟିକି ପଡ଼ିଥିଲେ। ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସମସ୍ତଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭାଇଗଙ୍କୁ ମୃତ ଘୋଷଣା କରିଥିଲେ। ଝାଲିଆ ଏବଂ ଜିତୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ନଂ. ୪୨/୧୯ରେ ମାମଲା ରୁଜୁ ହୋଇଛି।

### ଚୋରି ଅଭିଯୁକ୍ତ ଗିରଫ

**ପରଜଙ୍ଗ, ୨୪।୭(ଡି.ଏନ.ଏ.):** ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ପୋଲିସ ବୁଧବାର ଜଣେ ଚୋରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଡ଼ପଳାଶୁଣୀ ଗ୍ରାମର କାଳିଆ ସେଠୀ। ଚଢ଼ାଉ ବେଳେ ତାଙ୍କ ଘରୁ ୨ଟି ଚୋରା ସାଇକେଲ, ବସ୍ତାଏ କାଜୁ ଏବଂ ମୋବାଇଲ ଫୋନ୍ ଜବତ କରାଯାଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ବିନୟ କୁମାର ସାହୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗଡ଼ପଳାଶୁଣୀ ଗ୍ରାମର ନିରଞ୍ଜନ ସାହୁଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଫ୍ୟାନ୍, ମୋବାଇଲ ଏବଂ ଗୋଟିଏ ବସ୍ତା କାଜୁ ଚୋରି ହୋଇଥିଲା। ଏ ନେଇ ବୁଧବାର ସେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ କାଳିଆଙ୍କ ଘରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିଛି।

### ଶିଶୁ ପ୍ରତିଭା ସମ୍ମାନିତ

**ଢେଙ୍କାନାଳ ଅଫିସ, ୨୪।୭:** ଭୁବନେଶ୍ୱର କିଟ୍ ୟୁନିଭରସିଟି ପରିସରରେ ଜୁଲାଇ ୨୦ରେ ଆୟୋଜିତ କଳିଙ୍ଗ ସାହିତ୍ୟ ମହୋତ୍ସବରେ ସମ୍ମାନିତ ହୋଇଛନ୍ତି ଢେଙ୍କାନାଳର ଶିଶୁପ୍ରତିଭା। ଜୁନିୟରବର୍ଗରେ ଡିପିଏସ୍ ସ୍କୁଲର ମୁସ୍କାନ ମହାନ୍ତି ଦ୍ୱିତୀୟ, ସବୁ ଜୁନିୟର ବର୍ଗରେ ଜାଭିୟର୍ସ ସ୍କୁଲର ରଜତ ସାମଲ ପ୍ରଥମ ଏବଂ ମଣ୍ଟଫୋର୍ଟ ସ୍କୁଲର ସାନ୍ଵୀ କର ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମ୍ପୃକ୍ତ ପ୍ରତିଭାଧାରୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ସାହିତ୍ୟିକ ଅମିତାଭଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ, ୨୪।୭:** ଢେଙ୍କାନାଳ ଜିଲା ଲେଖକ ସଂସଦ ପକ୍ଷରୁ ସାହିତ୍ୟିକ ଡ. ଅମିତାଭ ବେହେରାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଂସଦର ସମ୍ମିଳନୀ କକ୍ଷରେ ଆୟୋଜିତ ଶୋକସଭାରେ ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାବନ୍ଧିକ, କବି ଭାବେ ଡ. ଅମିତାଭ ବେହେରା ଜଣେ ଜଣାଶୁଣା ଚେହେରା। ଲେଖକ ସଂସଦର ଆଜୀବନ ସଦସ୍ୟ ଭାବେ ସେ ନିଜକୁ ସାହିତ୍ୟ ସାଧନାରେ ସମର୍ପଣ କରିଥିଲେ। କଟକ ଜିଲା ନୂଆପାଟଣାରେ ଜନ୍ମିତ ଅମିତାଭ କଖଡି ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ବିୟୋଗ ସଂସଦ ପାଇଁ ଗଭୀର କ୍ଷତି ବୋଲି ମତପ୍ରକାଶ ପାଇଥିଲା। ଦୀପ୍ତାଂଶ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ କାଳିନ୍ଦୀ ସାହୁ, ପ୍ରଦ୍ୟୁମ୍ନ ମହାନ୍ତି, ପ୍ରକାଶ ପଟ୍ଟନାୟକ, ଶ୍ରୀକାନ୍ତ ବରାଳ, ଉପେନ୍ଦ୍ର ରାଉତ ପ୍ରମୁଖ ତାଙ୍କର ସାହିତ୍ୟକୃତି ଉପରେ ଆଲୋଚନା କରିଥିଲେ।

### ବଜରଙ୍ଗ କ୍ଲବ ପକ୍ଷରୁ ଦୀପଦାନ

**ଢେଙ୍କାନାଳ ଅଫିସ, ୨୪।୭:** ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ ପକ୍ଷରୁ ବୁଧବାର ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜିକକର୍ମୀ ପଦ୍ମଶ୍ରୀ ଡି.ପ୍ରକାଶ ରାଓଙ୍କ ଆଶୁ ଆରୋଗ୍ୟ କାମନା କରି ସ୍ଥାନୀୟ ଶ୍ରୀସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ଦୀପଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କ୍ଲବର ଉପଦେଷ୍ଟା ଅମରେନ୍ଦ୍ର ସାମଲ, ସଭାପତି ସନ୍ତୋଷ ଶତପଥୀ, ସମ୍ପାଦକ ଶୁଭେନ୍ଦୁ ଷଡ଼ଙ୍ଗୀ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

■ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା

# 'ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ'


ଧାରଣାରେ କଂଗ୍ରେସ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୪।୭**

ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନଶୃଙ୍ଖଳା ପରିସ୍ଥିତି ପ୍ରତିବାଦରେ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା କମିଟି ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଯାଏ ଦଳୀୟ କାର୍ଯ୍ୟକର୍ତ୍ତା ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସି ପ୍ରତିବାଦ କରିଥିଲେ।

ଦୀର୍ଘ ୧୯ବର୍ଷ ହେଲା ରାଜ୍ୟର ଶାସନ ଡୋରି ବିଜେଡି ସରକାର ହାତରେ ରହିଛି। ହେଲେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସରକାର ଯେମିତି ଭୁଲିଯାଇଛନ୍ତି। ରାଜ୍ୟରେ ଶିଶୁ, ନାବାଳିକା, କେହି ସୁରକ୍ଷିତ ନାହାନ୍ତି। ବଳାତ୍କାର, ଗଣବଳାତ୍କାର, ଅପହରଣ ଭଳି ସମ୍ବେଦନଶୀଳ ଘଟଣା ବଢ଼ିଚାଲିଛି। ପ୍ରତିଦିନ ରାଜ୍ୟରେ ୬ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ୨୦୧୭-୧୮ ବର୍ଷରେ ୨୨୦୦ଜଣ ବଳାତ୍କାରର ଶିକାର ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୨୫୦୦ରେ ପହଞ୍ଚିଲାଣି। ସେହିପରି ୫୦୨ ଶିଶୁ ନିଖୋଜ ହେବା ଚିନ୍ତାର ବିଷୟ। ଏସବୁ ଘଟଣାର ନିରାକରଣ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସାରା ଓଡ଼ିଶାରେ ପ୍ରତିବାଦର ସ୍ୱର ଉଠିବ ବୋଲି ଉପସ୍ଥିତ ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧାରଣାରେ ଜିଲା କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବିପ୍ରବର ସାହୁ, ତ୍ରିନାଥ ବେହେରା, ପ୍ରେମଶଙ୍କର ମିଶ୍ର, ମମତାଞ୍ଜଳି ବେହେରା, ତୁଷାରକାନ୍ତ ନାୟକ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ କଂଗ୍ରେସ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୨୪।୭**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଭିତରେ ଗତି କରୁଛି। ଅଧିକାଂଶ ସମୟରେ ଚିକିତ୍ସା କାର୍ଯ୍ୟରେ ଆୟୁଷ ଡାକ୍ତରଙ୍କୁ ନିୟୋଜିତ କରାଯାଉଛି। ଜରୁରୀ ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ରୋଗୀସେବାରେ ବାଧକ ସାଜୁଛି। ଜନ୍ମ ଓ ମୃତ୍ୟୁ ସାର୍ଟିଫିକେଟ ପାଇଁ ଆସୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ଲକ ଅନ୍ତର୍ଗତ କରମୂଳ, କେନ୍ଦୁପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଅନ୍ୟ ଏକ ସମସ୍ୟା ଭାବେ ଉଭା ହୋଇଛି। ଏ ନେଇ ସିଡିଏମ୍‌ଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତୁରନ୍ତ ପ୍ରତିକାର କରିବାକୁ ଅଞ୍ଚଳବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏ ନେଇ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କୁହନ୍ତି, ଅଭିଯୋଗ ପାଇଛୁ। ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀଙ୍କୁ ପଠାଇ ଘଟଣାର ତଦନ୍ତ କରାଯିବ। ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ଗ୍ରହଣ କରାଯିବ।

# ଶହୀଦଙ୍କ ଘରକୁ ଫିଟିଲା ବାଟ


ତାରବାଡ଼କୁ ହଟାଇ ରାସ୍ତା ଖୋଲାଯାଇଛି।

'ଧରିତ୍ରୀ' ପ୍ରଭାବ

**ଢେଙ୍କାନାଳ ଅଫିସ, ୨୪।୭**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ନିକଟରେ ରହୁଥିବା ଶହୀଦ ପରିବାର ଘରକୁ ବାଟ ଫିଟିଛି। 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ପୋଲିସ ରାସ୍ତାରେ ପକାଇଥିବା ତାରବାଡ଼ ଉଠାଇଦେଇଛି। ଫଳରେ ସମ୍ପୃକ୍ତ ପରିବାର ସଦସ୍ୟ ସ୍ୱାଭାବିକ ଭାବେ ଏବେ ରାସ୍ତାରେ ଯାତାୟାତ କରିପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ହିନ୍ଦୋଳ ବ୍ଲକ ରାସୋଳ ଥାନା ବେଡ଼ାପଡ଼ା ଗ୍ରାମର ବିଜନ ସାମଲଙ୍କ ଏକମାତ୍ର ପୁଅ ହେଉଛନ୍ତି ସୁବ୍ରତ ସାମଲ। ବୈପାରୀଗୁଡ଼ା ଏସ୍‌ଓଜି ବାଟାଲିୟନରେ କାର୍ଯ୍ୟରତ ଥିବାବେଳେ ୨୦୧୦ରେ ସେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିଲେ। ଏହାପରେ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଶହୀଦ ପରିବାରକୁ କଣ୍ଟାବଣିଆ ଥାନା ମଙ୍ଗଳପୁର ମୌଜାରେ ଜମି ପ୍ରଦାନ କରାଯାଇଥିଲା। ୨୦୧୨ରୁ ବିଜନ ସପରିବାର ସେଠାରେ ଘର କରି ରହିଆସୁଛନ୍ତି। ହେଲେ କଣ୍ଟାବଣିଆ ପୋଲିସ ଘରକୁ ଯାଇଥିବା ରାସ୍ତାରେ ତାରବାଡ଼ ପକାଇ ଦେବା ପରେ ଯିବା ଆସିବାକୁ ରାସ୍ତା ନ ଥିଲା। ଏ ନେଇ ଶହୀଦ ପରିବାର ସଦସ୍ୟ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଥିଲେ।

ଏ ନେଇ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କୁହନ୍ତି, ଘଟଣା ଜଣାପଡ଼ିବା ପରେ ସେ ନିଜେ ଉପସ୍ଥିତ ରହି ତାରବାଡ଼ ହଟାଇ ଦେଇଛନ୍ତି। ଏଣିକି ଶହୀଦ ପରିବାରର କୌଣସି ସମସ୍ୟା ହେବନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

■ତପୋବନ ମହିମା ପୀଠରେ ବନ ମହୋତ୍ସବ

# ଲାଗିଲା ଶତାଧିକ ଚାରା


କପିଳାସ ତପୋବନ ମହିମା ପୀଠରେ ବନ ମହୋତ୍ସବ।

**ଢେଙ୍କାନାଳ ଅଫିସ, ୨୪।୭**

ମହିମା ଗୋସାଇଁଙ୍କ ଆତ୍ମଯୋଗ ସାଧନର ପୀଠ ଭାବେ ପରିଚିତ କପିଳାସ ତପୋବନ ଆଶ୍ରମରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଜିଲା ଉଦ୍ୟାନ କୃଷି ବିଭାଗ ଏବଂ ସଚେତନ ନାଗରିକ ଫୋରମ୍‌ର ମିଳିତ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉତ୍କଳ ଆଜବେଷ୍ଟସର ମହାପ୍ରବନ୍ଧକ ରଘୁନାଥ ସିଂ, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଡ. ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୀଠର ଅଖଣ୍ଡବଟି ମନ୍ଦିର ନିକଟରେ ପିଜୁଳି, ନଡ଼ିଆ, ବେଲ, କଦଳୀ, ଅଶୋକ, ସୁନାରି, ଗମ୍ଭାରୀ, ଅଁଳା, କୃଷ୍ଣଚୂଡ଼ା ଆଦି ପ୍ରଜାତିର ଶତାଧିକ ଚାରା ରୋପଣ କରାଯାଇଥିଲା।

କୌପିନଧାରୀ ମହିମା ସମାଜ ସଭାପତି ରଘୁନାଥ ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜନା ପ୍ରଦ୍ୟୁମ୍ନ ରଥ, ତପୋବନ ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ରଶ୍ମିତା ରାଉତ, ସୁକାନ୍ତ ମିଶ୍ର, ପ୍ରେମଶଙ୍କର ମିଶ୍ର, ଭରତ ଦାସ, ପଙ୍କଜ ନାୟକ, ଅଖିଳ ମହାପାତ୍ର, ଜ୍ଞାନୀ ବାବା, ସନକ ବାବା, ବିନୋଦ ବାବା, ଦନେଇ ବାବା, ନିବାରଣ ବାବା, ମନ୍ତ୍ରୀ ବାବା, କୁମାର ବାବା, ଜନାର୍ଦ୍ଦନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ପୀଠ ପାଦଦେଶରେ ଥିବା କାଦୁଆ ଗ୍ରାମ ଆଶ୍ରମ ପରିସରରେ ଫଳ ଚାରା ଲଗାଯାଇଥିଲା।

■ରାଜସ୍ୱ ଗ୍ରାମ୍ୟ ମାନ୍ୟତା କର୍ମଶାଳା

# ୯୮ ପଡ଼ାଗ୍ରାମ ପାଇବେ ସ୍ୱତନ୍ତ୍ର ପରିଚୟ

**କାମାକ୍ଷାନଗର, ୨୪।୭(ଡି.ଏନ୍.ଏ.)**


କର୍ମଶାଳାରେ ପ୍ରଶାସନିକ ଅଧିକାରୀମାନେ।

ଢେଙ୍କାନାଳ ଜିଲାର ୯୮ ପଡ଼ାଗ୍ରାମକୁ ମିଳିବ ରାଜସ୍ୱ ଗ୍ରାମର ମାନ୍ୟତା। ଏଥିପାଇଁ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ପ୍ରକ୍ରିୟା। ଭିତ୍ତିଭୂମି ସମୀକ୍ଷା, ଗ୍ରାମବାସୀଙ୍କ ସହ ଆଲୋଚନା ଏବଂ ଆବଶ୍ୟକ ସରକାରୀ ସୁବିଧା ସୁଯୋଗ ବ୍ୟବସ୍ଥା କରାଯିବା ପରେ ଏ ସଂକ୍ରାନ୍ତରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଆୟୋଜିତ ରାଜସ୍ୱ ଗ୍ରାମ ମାନ୍ୟତା ସମ୍ପର୍କିତ କର୍ମଶାଳାରେ ଏ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।

ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର କର୍ମଶାଳାରେ ଅଧ୍ୟକ୍ଷତା କରି କହିଲେ, ଜିଲାର ଅନେକ ପଡ଼ାଗ୍ରାମ ଦୀର୍ଘଦିନ ହେଲା ରାଜସ୍ୱ ଗ୍ରାମ ମାନ୍ୟତା ଅପେକ୍ଷାରେ ଅଛି। ପ୍ରାଥମିକ ପର୍ଯ୍ୟାୟରେ ୯୮ ପଡ଼ାକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସେଥିରୁ କାମାକ୍ଷାନଗର ଉପଖଣ୍ଡର ୧୫ ଏବଂ ଢେଙ୍କାନାଳ ଉପଖଣ୍ଡ ଅଧୀନ ଗଁଦିଆ ବ୍ଲକର ୩ ଜଙ୍ଗଲ ପରିବେଷ୍ଟନୀ ଗ୍ରାମ ଅନ୍ତର୍ଭୁକ୍ତ। ଉକ୍ତ ଗ୍ରାମଗୁଡ଼ିକୁ ମାନଦଣ୍ଡ ଆଧାରରେ ନିଆ ନ ଯାଇ ସ୍ୱତନ୍ତ୍ର ଭାବେ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ। ଏଥିପୂର୍ବରୁ ଗ୍ରାମଗୁଡ଼ିକର ମାନଦଣ୍ଡ ପରୀକ୍ଷାନିରୀକ୍ଷା କରାଯିବ। ଚିହ୍ନଟ ଗ୍ରାମ ପରିଦର୍ଶନ କରି ଅଧିକାରୀମାନେ ତଥ୍ୟ ସଂଗ୍ରହ କରିବେ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ତଥ୍ୟ ସଂଗ୍ରହରେ ନିୟୋଜିତ ହେବାକୁ ଥିବା କର୍ମଚାରୀ, ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତ ପଡ଼ାଗ୍ରାମର ବାସିନ୍ଦା ନିଜସ୍ୱ ଶୈଳୀରେ ଗ୍ରାମର ନାମକରଣ କରିଛନ୍ତି। ହେଲେ ରାଜସ୍ୱ ଗ୍ରାମର ମାନ୍ୟତା ମିଳି ନ ଥିବାରୁ ସେମାନଙ୍କୁ ସରକାରୀ କାଗଜପତ୍ରରେ ମୁଖ୍ୟ ଗ୍ରାମର ନାମ ଲେଖିବାକୁ ପଡୁଥିଲା। ଏବେ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯିବା ପରେ ସେମାନେ ସ୍ୱତନ୍ତ୍ର ପରିଚୟ ପାଇପାରିବେ ବୋଲି ଆଶା ପ୍ରକଟ ହୋଇଛି।।

କର୍ମଶାଳାରେ କାମାକ୍ଷାନଗର ତହସିଲଦାର ସୁଧାଂଶୁ ମହାନ୍ତି, ପରଜଙ୍ଗ ତହସିଲଦାର ଜୟନ୍ତ ଜୟସିଂ, ଭୁବନ ତହସିଲଦାର ଶଶିକାନ୍ତ ରାୟ, କଙ୍କଡ଼ାହାଡ଼ ତହସିଲଦାର ସୁଜାତା ଶୁଭଦର୍ଶିନୀ ନାୟକ, ଗଁଦିଆ ତହସିଲଦାର ମୋନାଲିସା ଦେବତା, ଢେଙ୍କାନାଳ ତହସିଲଦାର ଉଦୟ କୁମାର ମହାପାତ୍ର, ଓଡ଼ାପଡ଼ା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ହିନ୍ଦୋଳ ତହସିଲଦାର ଅଜୟ ନାୟକ, ସହକାରୀ ତହସିଲଦାର, ଆର୍‌ଆଇଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ରାଜସ୍ୱ ଅଧିକାରିଣୀ ଝରଣା ପ୍ରଧାନ ରାଜସ୍ୱ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମିଳିତ ବଜାର ଗଣେଶପୂଜା କମିଟି ନୂତନ କର୍ମକର୍ତ୍ତା

## ସୁଧାଂଶୁ ସଭାପତି, ବିଶ୍ୱନାଥ ସମ୍ପାଦକ

**ଢେଙ୍କାନାଳ ଅଫିସ, ୨୪।୭:** ଢେଙ୍କାନାଳ ମିଳିତବଜାର ପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଣେଶ ବଜାରସ୍ଥିତ ମଧୁସୂଦନ କ୍ଲବ ସଭାଗୃହରେ ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ବୈଠକରେ ୨୫ଟି ବଜାର ଓ କ୍ଲବର ସଭ୍ୟମାନେ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୨ରେ ଗଣେଶ ପୂଜା ଆରମ୍ଭ ଆରମ୍ଭ ହୋଇ ୭ଦିନ ଧରି ଚାଲିବ। ୯ ତାରିଖରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୃଙ୍ଖଳା ବଜାୟ ରଖିବାକୁ ସନ୍ଧ୍ୟା ୭ଟା ସୁଦ୍ଧା ଭସାଣି ଶେଷ ହେବ। ପୂଜାରେ ସମୟରେ କୌଣସି ପରିସ୍ଥିତିରେ ପଲିଥିନ ବ୍ୟବହାର କରାଯିବନାହିଁ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଆୟୋଜିତ ନିର୍ବାଚନରେ ସଭାପତି ଭାବେ ସୁଧାଂଶୁ କୁମାର ଦଳେଇ, ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ସନ୍ଦୀପ ଷଡ଼ଙ୍ଗୀ, ଉମେଶ କୁମାର ବେହେରା, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଓଝା, ସହ ସମ୍ପାଦକ ବୀରବର ସାହୁ, ସନାତନ ରାଉତ ଏବଂ କୋଷାଧ୍ୟକ୍ଷ ଭାବେ ଅନୁପ ଶାନ୍ତିସ୍ୱରୂପ ମିଶ୍ର ନିର୍ବାଚିତ ହୋଇଛନ୍ତି।

## ଯୌତୁକ ନିର୍ଯାତନା ଅଭିଯୋଗ

**ଭୁବନ, ୨୪।୭(ଡି.ଏନ.ଏ.):** ଭୁବନ ଏନ୍‌ଏସିର ଟିକିଲି ପୋଥାଳ (୨୬) ଶାଶୁଘର ଲୋକଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ନେଇ ଥାନାରେ ନଂ. ୧୬୫/୧୯ରେ ମାମଲା ରୁଜୁ କରାଯାଇଛି। ଟିକିଲି ଅଭିଯୋଗରେ ଦର୍ଶାଇଛନ୍ତି, ସେ ୧୦ ବର୍ଷ ତଳେ ୮ନଂ. ୱାର୍ଡର ନୀଳମଣି ପୋଥାଳଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବାହା ଘର ପରେ ଯୌତୁକ ଦାବି କରି ଶାଶୁଘରେ ତାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଛି। ଦାବି ମୁତାବକ ବାପଘରୁ ଟଙ୍କା ନ ଆଣିଲେ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ଏଥିରେ ସ୍ୱାମୀ, ଶାଶୁ, ଦେଢ଼ଶୁର ଏବଂ ନଣନ୍ଦମାନଙ୍କ ସମ୍ପୃକ୍ତି ରହିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଗଛରେ ପିଟିହେଲା ବାଇକ୍, ଯୁବକ ମୃତ

**ଢେଙ୍କାନାଳ ଅଫିସ,୨୪।୭:** ଢେଙ୍କାନାଳ ଜିଲା ଗଁଦିଆ ଥାନା ସାପୁଆଝର ନିକଟରେ ବୁଧବାର ଅପରାହ୍ଣ ପ୍ରାୟ ୩ଟାରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତ୍ରିନାଥ ସାହୁ। ଝିଲି ଗ୍ରାମର ତ୍ରିନାଥ ଗଁଦିଆସ୍ଥିତ ଏକ ବାଇକ୍ ଶୋରୁମରେ ଗାଡ଼ିର ନମ୍ବର ପ୍ଲେଟ ଲଗାଇ ଘରକୁ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ବାଇକ୍ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୧୩୫/୧୯ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି। ସାପୁଆଝର ନିକଟ ରାସ୍ତାରେ ବଡ଼ ବୁଲାଣି ରହିଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନହାନି ହେଉଛି। ଗାଡ଼ି ଚାଳକଙ୍କ ସୁବିଧା ଲାଗି ସୂଚନା ଫଳକ ଲଗାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଦୁର୍ଘଟଣାରେ ୩ ଗୁରୁତର

**ଅନୁଗୋଳ ଅଫିସ, ୨୪।୭:** ଅନୁଗୋଳ ସହର ଉପକଣ୍ଠ କୁଇଓ ରାସ୍ତାରେ ବୁଧବାର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ସୁନୀଲ ସାମଲ, ମୁନା ଏବଂ ଶୁଶୁଡ଼ାର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ୩ ଜଣ ଏକ ସ୍କୁଟିରେ ଅନୁଗୋଳ ଆଡ଼କୁ ଆସୁଥିବାବେଳେ କୁଇଓ ବ୍ରିଜ ନିକଟରେ କାର୍ ସହ ଧକ୍କା ହୋଇଥିଲା।

## ସାପ କାମୁଡ଼ାରେ ଜଣେ ମୃତ

**ଭଣ୍ଡାରିପୋଖରୀ, ୨୪।୭ (ଡି.ଏନ.ଏ.):** ବୁଧବାର ଭୋରରେ ଭଣ୍ଡାରିପୋଖରୀ ଥାନା ରଣଜିତ ପଞ୍ଚାୟତ ମହାମାଲ୍ୟା ଗ୍ରାମର ଅର୍ଜୁନ ଚରଣ ମଲ୍ଲିକ(୫୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଯାଜପୁର ଜିଲା ଡାକ୍ତରଖାନାକୁ ନେଇଯାଇଥିଲେ। କଟକ ସ୍ଥାନାନ୍ତର ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।

### ହିନ୍ଦୋଳ ରେଞ୍ଜରେ ଆତଙ୍କ

# ହାତୀଙ୍କ ଜୀବନ ନେଉଛି ଅଜଣା ରୋଗ

**ଢେଙ୍କାନାଳ ଅଫିସ, ୨୪।୭**



- ‘ହର୍ପିସ୍’ ସନ୍ଦେହ
- ମାସକରେ ୪ ମଲେଣି
- ଚେତୁନି ବନ ବିଭାଗ

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍‌ରେ ହାତୀମୃତ୍ୟୁ ପଛର କାରଣ ଭୂତାଣୁ ସଂକ୍ରମଣଜନିତ ରୋଗ ‘ହର୍ପିସ୍’ ବୋଲି ସନ୍ଦେହ କରାଯାଉଛି। ମାସକ ଭିତରେ ୪ ହାତୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବେଶବିତ୍। ଯଦି ସନ୍ଦେହ ସତ୍ୟ ହୁଏ ତେବେ ଏହା ଢେଙ୍କାନାଳର ହାତୀବଂଶ ପାଇଁ ଶୁଭଙ୍କରୀ ନୁହେଁ ବୋଲି ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଏପରି ସମ୍ବେଦନଶୀଳ ଘଟଣାକୁ ଏ ଯାଏ ଗୁରୁତ୍ୱର ସହ ନେଇନାହିଁ ବନ ବିଭାଗ, ଯାହାକୁ ନେଇ ଗଭୀର ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ଜିଲାର ପରିବେଶପ୍ରେମୀ।

ମାସକ ମଧ୍ୟରେ ହିନ୍ଦୋଳ ରେଞ୍ଜ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ୪ ହାତୀଙ୍କ ମୃତ୍ୟୁ ଘଟିଛି। ଗତ ମଙ୍ଗଳବାର କରାବିରା ଜଙ୍ଗଲରେ ଏକ ଦନ୍ତାହାତୀ (ଆନୁମାନିକ ବୟସ ୮ବର୍ଷ)ର ମୃତଦେହ ପାଣି ଭର୍ତ୍ତି ଗାଡ଼ିଆ ମଧ୍ୟରୁ ଠାବ କରାଯାଇଥିଲା। ଉକ୍ତ ହାତୀର ପାଟିରୁ ଫେଣ ବାହାରୁଥିଲା। ରକ୍ତସ୍ରାବ ମଧ୍ୟ ହେଉଥିଲା। ସେହିପରି ଜୁଲାଇ ୪ରେ କନ୍ଧରା ସଂରକ୍ଷିତ ଜଙ୍ଗଲରେ ଦନ୍ତା ହାତୀ (ଆନୁମାନିକ ୨ବର୍ଷ) ଏବଂ ଏହାର କିଛିଦିନ ପରେ ବମ୍ପା ସଂରକ୍ଷିତ ଜଙ୍ଗଲରେ ଏକ ହାତୀ ଶାବକ (ଆନୁମାନିକ ୨ ମାସ) ପ୍ରାଣ ହରାଇଥିଲା। ସେହିପରି ଜୁଲାଇ ୧୬ରେ ଭିଙ୍ଗିରା ଗ୍ରାମ୍ୟ ଜଙ୍ଗଲରେ ମାଈହାତୀ ଶାବକର ଅଜଣା ରୋଗରେ ମୃତ୍ୟୁ ଘଟିଥିଲା। ମୃତହାତୀଙ୍କ ମଧ୍ୟରେ ସମାନ ଲକ୍ଷଣ ଦେଖିବାକୁ ମିଳୁଛି। ତେଣୁ ଏହା ଭୂତାଣୁ ସଂକ୍ରମଣ ‘ହର୍ପିସ୍’ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଏବଂ ବିଭାଗୀୟ ଅଧିକାରୀମାନେ ସନ୍ଦେହ କରୁଛନ୍ତି।

ରାଜ୍ୟର ବରିଷ୍ଠ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତିଙ୍କ ସୂଚନା ଅନୁଯାୟୀ, ‘ହର୍ପିସ୍’ ହେଉଛି ଏକ ଜଳବାହିତ ଭୂତାଣୁଜନିତ ରୋଗ। ହାତୀ ଶାବକଙ୍କୁ ଏହା ଶୀଘ୍ର ସଂକ୍ରମିତ ହୋଇଥାଏ। ଏଥିରେ ଆକ୍ରାନ୍ତ ହେଉଥିବା ଛୁଆହାତୀକୁ ଅତ୍ୟଧିକ ଝାଡ଼ା ହୋଇଥାଏ। ଖାଦ୍ୟ ସହଜରେ ଗ୍ରହଣ କରିପାରେନାହିଁ। ଶରୀର ଦୁର୍ବଳ ହୋଇପଡ଼େ। ପୂର୍ବରୁ କଟକ ଜିଲା ନରସିଂହପୁର, ବଡ଼ମ୍ବା ବନଖଣ୍ଡରେ ଏହି ଭୂତାଣୁ କବଳରେ ହାତୀ ଶାବକ ପଡ଼ିଥିବା ନଜିର ରହିଛି। ହିନ୍ଦୋଳ ରେଞ୍ଜରେ ହାତୀମୃତ୍ୟୁ ସୂଚନା ମିଳିବା ପରେ ଏ ନେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କ ସହ କଥାବାର୍ତ୍ତା କରାଯାଇଛି। ହାତୀ ମୃତଦେହରୁ ନମୁନା ସଂଗ୍ରହ କରି ପରୀକ୍ଷା କରାଯିବା ପରେ ଏ ନେଇ ସ୍ପଷ୍ଟ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ହିନ୍ଦୋଳ ରେଞ୍ଜ ଅଧୀନରେ ଆସୁଥିବା ଫାସିଗାଁ, ବିମ୍ବୋରୀ, ଦଣ୍ଡିରି, କନକା, ନନ୍ଦିନିଆ ସଂରକ୍ଷିତ ଜଙ୍ଗଲ ସହ ସାତକୋଶିଆ ଅଭୟାରଣ୍ୟ, ବଡ଼ମ୍ବା ଏବଂ ନରସିଂହପୁର ଜଙ୍ଗଲ ଲାଗିରହିଛି। ଉକ୍ତ ଅଞ୍ଚଳର ହାତୀପଲ ହିନ୍ଦୋଳ ରେଞ୍ଜରେ ବିଚରଣ କରୁଛନ୍ତି। ହୁଏତ ସେଥିପାଇଁ ରୋଗ ସଂକ୍ରମିତ ହୋଇଥିବା ବନ ବିଭାଗ ସନ୍ଦେହ କରୁଛି।

ଏ ନେଇ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର କୁହନ୍ତି, ହାତୀ ମୃତ୍ୟୁର କାରଣ ‘ହର୍ପିସ୍’ ବୋଲି ଅନୁମାନ କରାଯାଉଛି। ବୁଧବାର କରାବିରାରେ ମରିଥିବା ଦନ୍ତାହାତୀର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ନମୁନା ସଂଗ୍ରହ କରିବାକୁ ଓୟୁଏଟି ବିଶେଷଜ୍ଞଙ୍କୁ ଡକାଯାଇଛି। ଭିସେରା ପରୀକ୍ଷା କରାଯିବା ପରେ ରୋଗର କାରଣ ସ୍ପଷ୍ଟ ହେବ।

### କିନ୍ନରଙ୍କ ସହ ଶାରୀରିକ ସମ୍ପର୍କ ଅଭିଯୋଗ

## ମାମଲା ରୁଜୁ, ଡାକ୍ତରୀମାଇନା

**ଅନୁଗୋଳ ଅଫିସ/ପାଲଲହଡ଼ା ୨୪।୭ (ଡି.ଏନ୍.ଏ)**

ଜଣେ କିନ୍ନରଙ୍କ ସହ ଯୌନ ସମ୍ପର୍କ ରଖିଥିବା ଅଭିଯୋଗରେ ଅନୁଗୋଳ ଜିଲା ପାଲଲହଡ଼ା ଥାନାରେ ଜଣେ ଯୁବକଙ୍କ ନାମରେ ମାମଲା(ନଂ. ୮୧/୧୯) ରୁଜୁ ହୋଇଛି। ପରେ ଜିଲା ଚିକିତ୍ସାଳୟରେ ସମ୍ପୃକ୍ତ କିନ୍ନରଙ୍କ ଡାକ୍ତରୀମାଇନା କରାଯାଇଥିବା ଥାନା ଅଧିକାରୀ କନକ ମାଝି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ପାଲଲହଡ଼ାରେ ରହୁଥିବା ସମ୍ପୃକ୍ତ କିନ୍ନରଙ୍କ ସହ ଦେବଗଡ଼ ଜିଲା ବାରାକୋଟ ଥାନା ବମ୍ପରଡ଼ା ଗ୍ରାମର ମନୋଜ ମହାକୁଳ ଶାରୀରିକ ସମ୍ପର୍କ ରଖିଥିଲେ। ପରେ କିନ୍ନର ଜଣକ ଆଉ ସମ୍ପର୍କ ରଖିବାକୁ ମନା କରିବାରୁ ମନୋଜ ତାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ ଦେଉଥିଲେ। ଏପରି କି ମନୋଜ କିନ୍ନରଙ୍କୁ ଆକ୍ରମଣ କରିବା ପରେ ତାଙ୍କୁ ମୃତ ବୋଲି ଭାବି ଫଟୋଚିତ୍ରରେ ଫୁଲମାଳ ଦେଇ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଆନ୍ତର୍ଜାତୀକ ମାନବାଧିକାର ପରିଷଦ ରାଜ୍ୟ ସଭାପତି ଓ କିନ୍ନର ସଂଘର ହସ୍ତକ୍ଷେପ ପରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ହାଇୱା-ବୋଲେରୋ ଧକ୍କା: ୫ ଆହତ

**ଭଦ୍ରକ ଅଫିସ, ୨୪।୭**

ଭଦ୍ରକ ସହରର ମହତାବ ଛକ ନିକଟରେ ବୁଧବାର ପୂର୍ବାହ୍ଣରେ ଏକ ହାଇୱା ସହ ବୋଲେରୋ ଧକ୍କାରେ ୫ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ହାଇୱା ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ବୋଲେରୋରେ ବସିଥିବା ୫ ଜଣ ଆହତ ହୋଇଥବା ବେଳେ ସେମାନଙ୍କ ମଧ୍ୟରୁ ସୋମନାଥ ପାଢ଼ୀ, ଧୀରେନ୍ଦ୍ର କୁମାର ସାହୁ, ନିରୁପମା ସେନାପତିଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବୋଲେରୋଟି ତିହିଡ଼ି ଅଞ୍ଚଳର କେତେକ ଲୋକଙ୍କୁ ନେଇ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲକୁ ରୋଗୀ ଦେଖିବାକୁ ଯାଉଥିବା ବେଳେ ମହତାବ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତମାନେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ସ୍କୁଲରେ ତାରାରୋପଣ



କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର।

**ଢେଙ୍କାନାଳ ଅଫିସ, ୨୪।୭**

ପରିବେଶ ସୁରକ୍ଷା ଏବଂ ଜଳବାୟୁ ସନ୍ତୁଳନ ପାଇଁ ଗଛର ଆବଶ୍ୟକତା ଅନେକ। ଏପରି ମହତ୍ ବାର୍ତ୍ତା ନେଇ ଢେଙ୍କାନାଳସ୍ଥିତ ମହିଷାପାଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଛି ସଚେତନତା କାର୍ଯ୍ୟକ୍ରମ। ଏହି ଅବସରରେ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶତପଥୀ, ସହକାରୀ ଶିକ୍ଷୟିତ୍ରୀ ପ୍ରେମଲତିକା ବର୍ମାଙ୍କ ତତ୍ତ୍ୱାବଧାନରେ ସାମାଜିକ କର୍ମୀ ରାମେଶ୍ୱର ମାଇତି, ଉମାକାନ୍ତ ପରିଡ଼ା, କମଳ ଗିରି, ଦୀପୁନା ପ୍ରଧାନ, ସୌମ୍ୟରଞ୍ଜନ ମାଇତି, ନକୁଳ ପ୍ରଧାନ ଏବଂ ଛାତ୍ରୀଛାତ୍ରମାନେ ଚାରା ଲଗାଇଥିଲେ।

## ଜମିଜମାକୁ ନେଇ ଆକ୍ରମଣ: ୩ ଆହତ, ଜଣେ ଗିରଫ

**ତିହିଡ଼ି, ୨୪।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ତାଳପଦା ପଞ୍ଚାୟତ ଅଧୀନ ଗଦାଧରପୁର ଗ୍ରାମରେ ଗୋଟିଏ ପରିବାରର ୩ ଜଣଙ୍କୁ ଜମିଜମାକୁ କେନ୍ଦ୍ରକରି ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ତିହିଡ଼ି ଥାନା ପୋଲିସ ଏହି ଘଟଣାରେ ଏକ ମାମଲା (୩୨୩/୧୯) ରୁଜୁ କରି ବୁଧବାର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଗିରଫ କରିଛି। ଗ୍ରାମର ୱାର୍ଡ଼ସଦସ୍ୟ ଗୌରହରି ଜେନା ଓ ଶ୍ରୀକାନ୍ତ ଜେନାଙ୍କ ମଧ୍ୟରେ ଜମିଜମା ପାଇଁ ଶତ୍ରୁତା ଥିଲା। ମଙ୍ଗଳବାର ସନ୍ଧ୍ୟାରେ ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଶ୍ରୀକାନ୍ତ ଓ ତାଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ଭୁଜାଲିରେ ଗୌରହରିଙ୍କୁ ଆକ୍ରମଣ କରିଥିଲେ। ଗୌରହରିଙ୍କ ସ୍ତ୍ରୀ ବାସନ୍ତୀ ଓ ଝିଅ ମିତୁସ୍ମିତା ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ି ନ ଥିଲେ। ଆହତ ୩ ଜଣଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୌରହରି ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ।

### ‘ଆମ ଗାଁ ଆମ ବିକାଶ’ ଯୋଜନାରେ ଅର୍ଥ ହଡ଼ପ

## ଜିଲାପାଳଙ୍କ ନିକଟରେ ଅଭିଯୋଗ



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଜନ୍ତୁଆଳି ଗ୍ରାମବାସୀ।

**ଭଦ୍ରକ ଅଫିସ, ୨୪।୭:**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆଗାଁ ପଞ୍ଚାୟତ ଜନ୍ତୁଆଳି ରାଜସ୍ୱ ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ ‘ଆମ ଗାଁ ଆମ ବିକାଶ’ ଯୋଜନାରେ ଚଞ୍ଚକତା ଓ ଅର୍ଥ ହଡ଼ପ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ସେମାନେ ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଗାଁ ଲୋକେ ଦର୍ଶାଇଛନ୍ତି ଯେ, ଗ୍ରାମର ଆରାଧ୍ୟା ଦେବୀ ମା’ ତାରିଣୀଙ୍କ ମଣ୍ଡପ ଗୃହ ଓ କମ୍ୟୁନିଟି ସେଣ୍ଟର ପାଇଁ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲେ ହେଁ କେତେଜଣ ନ୍ୟସ୍ତସ୍ୱାର୍ଥ ସମ୍ପନ୍ନ ବ୍ୟକ୍ତିଙ୍କ ଇଙ୍ଗିତରେ ତାରିଣୀ ମଣ୍ଡପଠାରୁ ୧ କି.ମି. ଦୂରରେ ପ୍ରାୟ ଲକ୍ଷେ ଟଙ୍କାର ଅତ୍ୟନ୍ତ ନିମ୍ନମାନର ପକ୍କାଗୃହ ନିର୍ମାଣ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟରେ ପ୍ରାୟ ୩ ଲକ୍ଷ ଟଙ୍କା ବାଟମାରଣା କରାଯାଇଛି। ଅପରପକ୍ଷେ ମଣ୍ଡପ ଗୃହ ଓ କମ୍ୟୁନିଟି ସେଣ୍ଟର ଲାଗି ଆସିଥିବା ୪ ଲକ୍ଷ ସରକାରୀ ଅର୍ଥ ହଡ଼ପ ହୋଇଛି। ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କୁ ସେମାନେ ଅନୁରୋଧ କରିଛନ୍ତି।

## ନାଏବ ସରପଞ୍ଚ ପ୍ରଭାତୀଙ୍କୁ ଭୁଷଳ ପଞ୍ଚାୟତ ଦାୟିତ୍ୱ



**ଭୁବନ, ୨୪।୭(ଡି.ଏନ.ଏ.)**

ଆର୍ଥିକ ଅନିୟମିତତା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଭୁବନ ବ୍ଲକ ଭୁଷଳ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ। ଏହାପରେ ତାଙ୍କ ସ୍ଥାନରେ ନାଏବ ସରପଞ୍ଚ ପ୍ରଭାତୀ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ବୁଧବାର ପ୍ରଭାତୀ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଏକତାଳି ସରପଞ୍ଚ ଅମୂଲ୍ୟ କୁମାର ଦ୍ୱିବେଦୀ, ନିର୍ବାହୀ ଅଧିକାରୀ ଅଭୟ କୁମାର ପଣ୍ଡା, ମାୟାଧର ପଣ୍ଡା, ସୁଧାକର ସାହୁ, ରାକେଶ କୁମାର ଆଏଚ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକଙ୍କ ବିରୋଧରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନାମରେ ଅର୍ଥ ତୋଷାରପାତ ଅଭିଯୋଗ ଆସିଥିଲା। ଏ ନେଇ ଜିଲାପାଳଙ୍କ ଅଭିଯୋଗକ୍ରମେ ଜୁଲାଇ ୧୭ରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନାଏବ ସରପଞ୍ଚ ପ୍ରଭାତୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

### ଅଭିଯୋଗ ଆଣିଲେ ହିତାଧିକାରୀ

# ‘କାର୍ଯ୍ୟାଦେଶ ଦେଲେ, ଟଙ୍କା ଦେଉନାହାନ୍ତି’

**ଭୁବନ, ୨୪।୭(ଡି.ଏନ.ଏ.)**



ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ହିତାଧିକାରୀମାନେ।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**
- ଅଧାରେ ଅଟକିଛି ଘର ନିର୍ମାଣ
- ଅଭିଯୋଗ ଆସିଥିବାରୁ ବିଲ୍ ହୋଇନାହିଁ: ଇଓ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୁଦାନ ଅର୍ଥ ଉଦ୍ଦେଶ୍ୟମୂଳକ ଭାବେ ଅଟକାଇ ରଖାଯାଇଥିବା ଅଭିଯୋଗ ଆଣିଛନ୍ତି ଭୁବନ ଏନ୍‌ଏସି ୩ନଂ. ୱାର୍ଡ ଅନ୍ତର୍ଗତ ନୂଆ ଭୁବନର ୮ଜଣ ହିତାଧିକାରୀ। ଏ ନେଇ ସେମାନେ ଜିଲାପାଳଙ୍କ ଫେରାଦ ହୋଇଛନ୍ତି। ଅନ୍ୟପଟେ ସମ୍ପୃକ୍ତ ହିତାଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିଥିବାରୁ ସେମାନଙ୍କ ବିଲ୍ ଅଟକାଇ ଦିଆଯାଇଥିବା ନିର୍ବାହୀ ଅଧିକାରୀ କହିଛନ୍ତି।

ଉକ୍ତ ୱାର୍ଡରେ ଶତାଧିକ ପଛୁଆବର୍ଗର ଲୋକ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବାକୁ ଆବେଦନ କରିଥିଲେ। ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଏନ୍‌ଏସି କର୍ତ୍ତୃପକ୍ଷ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ସେଥିରେ ତାଲିକାଭୁକ୍ତ ହୋଇଛନ୍ତି ବିକାଶ ମଲ୍ଲିକ (କାର୍ଯ୍ୟାଦେଶ ସଂଖ୍ୟା ୩୩୪), ପ୍ରକାଶ ମଲ୍ଲିକ (କାର୍ଯ୍ୟାଦେଶ ସଂଖ୍ୟା ୩୪୧), ଭଗବାନ ମଲ୍ଲିକ (କାର୍ଯ୍ୟାଦେଶ ସଂଖ୍ୟା ୩୫୩), ରବି ମଲ୍ଲିକ (କାର୍ଯ୍ୟାଦେଶ ସଂଖ୍ୟା ୩୪୯), ଛବି ମଲ୍ଲିକ (କାର୍ଯ୍ୟାଦେଶ ସଂଖ୍ୟା ୩୪୮), ଗିରିଧାରୀ ମଲ୍ଲିକ (କାର୍ଯ୍ୟାଦେଶ ସଂଖ୍ୟା ୩୪୭), ଗୋକୁଳ ମଲ୍ଲିକ (କାର୍ଯ୍ୟାଦେଶ ସଂଖ୍ୟା ୩୫୦) ଏବଂ ନକୁଳ ମଲ୍ଲିକ (କାର୍ଯ୍ୟାଦେଶ ସଂଖ୍ୟା ୩୫୧)। ଉପରୋକ୍ତ ବ୍ୟକ୍ତିଙ୍କୁ ୨୦୧୯ ଫେବୃୟାରୀ ୨୦ରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ହିତାଧିକାରୀମାନେ ତୁରନ୍ତ ଘର କାମ ଆରମ୍ଭ କରିଥିଲେ। ଏହାର ସମସ୍ତ ବିବରଣୀ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କାମ ଆରମ୍ଭ ହେବା ପରେ ପର୍ଯ୍ୟାୟକ୍ରମେ ଅର୍ଥ ମିଳିବ ବୋଲି ନିୟମ ରହିଛି। ହେଲେ ସେମାନଙ୍କୁ ଅଦ୍ୟାବଧି ଟଙ୍କାଟିଏ ମିଳିନାହିଁ। ଏ ନେଇ ସେମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। କାର୍ଯ୍ୟର ଅଗ୍ରଗତି ପାଇଁ ଅର୍ଥ ମାଗିବାରୁ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ସେମାନେ ସୋମବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

ଏ ନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିଛି। ତେଣୁ ସେମାନଙ୍କ ଅନୁଦାନ ଅଟକାଇ ଦିଆଯାଇଛି। ତଦନ୍ତ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଚାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ହିତାଧିକାରୀ ଚୟନ ସମୟରେ କ୍ଲିନ୍ ଚିଟ୍ ପାଇଥିବା ବ୍ୟକ୍ତିଙ୍କ ବିରୋଧରେ ପରବର୍ତ୍ତୀ ସମୟରେ ଅଭିଯୋଗ ଆସିବା ଘଟଣାକୁ ରହସ୍ୟାବୃତ କରିଛି। ଜିଲା ପ୍ରଶାସନ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ଦନ୍ତା ଆକ୍ରମଣରେ ଆଉ ଜଣେ ମୃତ

**କେନ୍ଦୁଝର ୨୪।୭ (ସ୍ୱ.ପ୍ର.)**- ଦନ୍ତାହାତୀ ଆକ୍ରମଣରେ କେନ୍ଦୁଝର ଜିଲାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ବିନୋଦ ଦେହୁରୀ। ତାଙ୍କ ଘର ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଶଙ୍କରୀ ଗ୍ରାମରେ। ମଙ୍ଗଳବାର ବିଳମ୍ବିତ ରାତିରେ ଘରୁ ପଦାକୁ ବାହାରି ଥିବା ବେଳେ ଗୋଠ ଛଡା ଦନ୍ତା ହାତୀ ହାବୁଡରେ ପଡିଯାଇଥିଲେ । ହାତୀଟି ଜମି ମଧରେ ତାଙ୍କୁ ଦଳି ମାରିଦେଇଥିଲା। ଏହି ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଲୋକଙ୍କ ମଧରେ ଭୟ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକ କ୍ଷତିପୂରଣ ଓ ସୁରକ୍ଷା ଦାବିରେ ପ୍ରତିବାଦ କରିଥିଲେ। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ବନ କର୍ମଚାରୀ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଲୋକଙ୍କ ସହ ଆଲୋଚନା କରି ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି। ଏହାକୁ ମିଶାଇ ଚଳିତ ବର୍ଷ ହାତୀ ଆକ୍ରମଣରେ ୬ ଜଣଙ୍କ ମୃତ୍ୟୁ ହୋଇଥିବାରୁ ସାଧାରଣରେ ଭୟ ସୃଷ୍ଟି ହୋଇଛି ।

### ଟ୍ରାକ୍ଟର ଚାପାରେ ବୃଦ୍ଧ ମୃତ

**ଢେଙ୍କିକୋଟ, ୨୪।୭(ଡି.ଏନ୍.ଏ.)**- ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପର୍ଶୁରାମପୁର ଗ୍ରାମରେ ଟ୍ରାକ୍ଟର ଚାପାରେ ନୃସିଂହ ବେହେରା (୭୫) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ ଗତ ମଙ୍ଗଳବାର ରାତି ୮ଟାରେ ପର୍ଶୁରାମପୁର ଗ୍ରାମର ନୃସିଂହ ବେହେରାଙ୍କ ଟ୍ରାକ୍ଟରକୁ ଡ୍ରାଇଭର ରଖିଦେଇ ଚାବି ଗାଡ଼ିରେ ଲାଗିଥିଲା। ଟ୍ରାକ୍ଟର ଚାବି ବୃଦ୍ଧ ନୃସିଂହ ଆଣିବାବେଳେ ଟ୍ରାକ୍ଟର ଷ୍ଟାର୍ଟ ହୋଇ ଗଡ଼ିଯାଇଥିଲା। ଫଳରେ ସେ ଟ୍ରାକ୍ଟର ତଳକୁ ଖସି ପଡ଼ିବାରୁ ଟ୍ରାକ୍ଟରଟି ତାଙ୍କ ଉପରେ ମାଡ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଗାଁ ଥାନା ଏଏସ୍‌ଆଇ ସହଦେବ ସାହୁ ଡାକ୍ତରଖାନାରେ ପହଞ୍ଚି ବୃଦ୍ଧଙ୍କ ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୮୫/୧୯) ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

### ମଦ ଦୋକାନକୁ ନେଇ ଅସନ୍ତୋଷ

**ହାଟଡିହୀ, ୨୪।୭ (ଡି.ଏନ୍.ଏ.)**- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଗ୍ରାମର ସାଳନ୍ଦୀ ନଦୀ ନିକଟରେ ଏକ ଦେଶୀ ମଦଦୋକାନ ଅଛି । ଏହି ମଦ ଦୋକାନକୁ ନେଇ ଏବେ ଅସନ୍ତୋଷ ବଢ଼ିବାରେ ଲାଗିଛି ।
ସ୍ଥାନୀୟ ଲୋକମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ସୋସୋ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଲୋକେ ନଦୀରେ ସ୍ନାନ କରୁଥିବା ସ୍ଥାନରେ ମଦ ଦୋକାନ ରହିଛି । ଲୋକମାନେ ମଦ ପିଇ ବିଭିନ୍ନ ସମୟରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ତୁରନ୍ତ ମଦଦୋକାନ ବନ୍ଦ କରିବାକୁ ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ପଦ୍ମନାଭ ସାହୁ, ରତ୍ନାକର ରଣା, କୃଷ୍ଣଚନ୍ଦ୍ର ମାଝୀ, ସତ୍ୟଜିତ ପରିଡ଼ା ପ୍ରମୁଖ ଏହି ଅଭିଯୋଗ କରିଛନ୍ତି ।

### ୮ ଦିନିଆ ବୋଲବମ୍ ଯାତ୍ରା



**ଆନନ୍ଦପୁର,୨୪। ୭(ସ୍ୱ.ପ୍ର.)**- ଆନନ୍ଦପୁର ବ୍ଲକ ବାଇଲୋ ଗ୍ରାମର ଯୁବକମାନେ ୮ ଦିନିଆ ବୋଲବମ୍ ଯାତ୍ରା କରିଛନ୍ତି। ଏହି ଗସ୍ତ କାର୍ଯ୍ୟକ୍ରମରେ ଭକ୍ତମାନେ କେଦାରନାଥ, ବଦ୍ରିନାଥ, ହରିଦ୍ୱାର, ଋଷିକେଶ, ପଞ୍ଜାବ ସ୍ୱର୍ଣ୍ଣ ମନ୍ଦିର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଉଗ୍ରସେନ ସାହୁ, ଯୋଗେନ୍ଦ୍ର ସାହୁ, ଭୀମସେନ ସାହୁ, ଦୁର୍ଯ୍ୟୋଧନ ସାହୁ, ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଏହି ଗସ୍ତରେ ସାମିଲ ହୋଇଛନ୍ତି। ବୋଲବମ୍ ଭକ୍ତମାନଙ୍କ ଏହି ଗସ୍ତକୁ ଗ୍ରାମବାସୀମାନେ ସାଧୁବାଦ ଜଣାଇଛନ୍ତି।

## ଚେତିଲା ମେଡିକାଲ ପ୍ରଶାସନ
# ଶବଗୃହରେ ଲାଗିଲା ସିସିଟିଭି

**ଅନୁଗୋଳ ଅଫିସ, ୨୪।୭**




ବାରମ୍ବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ସଙ୍ଗିନ ଘଟଣା ପରେ ମେଡିକାଲ କର୍ତ୍ତୃପକ୍ଷ, ପ୍ରଶାସନର ଚେତା ପଶିଛି। ସପ୍ତାହେ ମଧରେ ଚିକିତ୍ସାଳୟ ଶବଗୃହରୁ ଜଣେ ଶିଶୁ କନ୍ୟା ଓ ଜଣେ ଯୁବକଙ୍କ ମୃତଦେହରୁ ଆଖି ଗାଏବ ହେବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇବା ସହ ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଏପରିକି ଚିକିତ୍ସାଳୟରେ ଆଖି ଚୋର ସକ୍ରିୟ ଥିବା ଅଭିଯୋଗ ଉଠିବା ପରେ ଘଟଣାକୁ ଗୁରୁତ୍ୱର ସହ ନେଇ ମେଡିକାଲ ଶବଗୃହରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ରୁଦ୍ଧ ଦ୍ୱାର ବୈଠକ ବସି ମୁଖ୍ୟ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ଉପରେ ଆଲୋଚନା ହୋଇଥିବା ଜଣାପଡିଛି।

ଏ ସମ୍ପର୍କରେ ସୂଚନା ଦେଇ ସିଡିଏମ୍‌ଓ ପ୍ରତାପ କୁମାର ବେହେରା କହିଛନ୍ତି, ମେଡିକାଲ ଶବଗୃହରେ ଦୁଇଟି ସିସିଟିଭି ଖଞ୍ଜା ଯିବା ସହ ମୃତଦେହ ରଖିବା ପାଇଁ ଦୁଇଟି କଫିନ୍ ମଧ ଅଣାଯାଇଛି। ଏଣିକି ରାତି ୯ଟା ଭିତରେ ଆସିଥିବା ମର ଶରୀରକୁ ତୁରନ୍ତ ବ୍ୟବଚ୍ଛେଦ କରାଯିବ। ରାତି ୯ଟା ପରେ ମୃତଦେହ ଆସିଲେ ତା ପରଦିନ ସକାଳେ ବ୍ୟବଚ୍ଛେଦ କରାଯିବ। ସେହି ମୃତଦେହକୁ ଶବଗୃହ ଥିବା ଫ୍ରିଜରରେ ରଖା ନ ଯାଇ ନୂଆକରି ଆସିଥିବା କଫିନ୍‌ରେ ରଖାଯିବ। ଏଥିସହ ୧୫ ଦିନ ମଧରେ ନୂତନ ଶବଗୃହ କାର୍ଯ୍ୟକ୍ଷମ କରାଯିବ ବୋଲି ସିଡିଏମ୍‌ଓ କହିଛନ୍ତି। ସେହିପରି ନୂତନ ଶବଗୃହ କାର୍ଯ୍ୟକ୍ଷମ ପାଇଁ ଫ୍ରିଜର ଓ ଅନ୍ୟାନ୍ୟ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ର କିଣିବାକୁ ଏକ ଟିମ୍ ଭୁବନେଶ୍ୱର ଯାଇଥିବା ଜଣାପଡିଛି।

ଆଖି ଗାଏବ ହେବା ଘଟଣାର ଏ ପର୍ଯ୍ୟନ୍ତ ପର୍ଦ୍ଦାଫାଶ ହୋଇପାରି ନ ଥିବାବେଳେ ଏ ନେଇ କୌଣସି ସୂଚନା ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରୁ ମିଳିପାରିନାହିଁ। ଶିଶୁକନ୍ୟାର ଆଖି ଗାଏବ ଘଟଣାର ତଥ୍ୟ ମେଡିକାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଅନୁଗୋଳ ପୋଲିସକୁ ପ୍ରଦାନ କରିଛନ୍ତି। ରିପୋର୍ଟରେ ଶିଶୁକନ୍ୟାର ଆଖି ଥିବା କଥା ଖୋଦ୍ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇ କହିଛନ୍ତି। ତେବେ ଆଖି ଯଦି ରହିଛି, ତେବେ ଏହା କିପରି କ୍ଷତବିକ୍ଷତ ହେଲା ସେ ନେଇ ପଚରାଯିବାରେ ସେ କିଛି କହି ନାହାନ୍ତି। ଅନ୍ୟପକ୍ଷରେ ଘଟଣାର ସିବିଆଇ ତଦନ୍ତ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ, ରାଜନୈତିକ ସଙ୍ଗଠନ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ସ୍ୱାଧୀନତା ଦିବସ ପ୍ରସ୍ତୁତି

**ଛେଣ୍ଡିପଦା,୨୪।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବୁଧବାର ଅପରାହ୍ନରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ପରିଚାଳନାରେ ଅୟୋଜିତ ବୈଠକରେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ବିଡିଓ ରୋମାଞ୍ଚଳ ଖମାରୀ ଯୋଗ ଦେଇଥିଲେ। ଛେଣ୍ଡିପଦା ମିନି ଷ୍ଟାଡିୟମଠାରେ ପାଳିତ ହେବାକୁ ଥିବା ଏହି ଦିବସ ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର, ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବୈଠକରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷ ଧନ୍ୟବାଦ ଦେଇଥିଲେ।

## ମରୁଡ଼ି ଆଶଙ୍କାରେ ଚାଷୀ
# ଆନ୍ଦୋଳନ ଚେତାବନୀ



**ବଇଣ୍ଡା, ୨୪।୭(ଡି.ଏନ.ଏ.)**

ବର୍ଷା ଅଭାବ ଯୋଗୁ ଅନୁଗୋଳ ଜିଲା କିଶୋରନଗର ବ୍ଲକର ୨୩ଟି ପଞ୍ଚାୟତର ଚାଷୀ ଏବେ ମରୁଡ଼ି ଆଶଙ୍କାରେ। ପାଣି ଅଭାବରୁ ଚାଷ କାର୍ଯ୍ୟ ଆଗେଇ ପାରୁ ନ ଥିବାବେଳେ ଯେତିକି ଚାଷ ହୋଇଛି ତାହା ଏବେ ଉଜୁଡିବାକୁ ବସିଛି। ପ୍ରଶାସନ ତଥା କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନର ଦାବି ସତ୍ତ୍ୱେ ଏଠାରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ମଧ ନିର୍ମାଣ କରାଯାଉନାହିଁ। ଏପରି ସ୍ଥିତିରେ ଚାଷୀଙ୍କ ସମସ୍ୟା ସମାଧାନ କରା ନ ଗଲେ କିଶୋରନଗର ତହସିଲ ଘେରାଉ କରାଯାଇ ଆନ୍ଦୋଳନ କରାଯିବ ବୋଲି କିଶୋରନଗର ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ବୁଧବାର ଜଏରାଟଠାରେ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବସିଥିଲା। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହୃଦାନନ୍ଦ ବିଶ୍ୱାଳ, ସୁବାସ ପ୍ରଧାନ, ରମଣି ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ଦୁର୍ଯ୍ୟୋଧନ ସାହୁ, ଚେରୁ ପ୍ରଧାନ, ପୀତାମ୍ବର ପ୍ରଧାନ, ବସନ୍ତ ପ୍ରଧାନ, ଯୋଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ହିତାଧିକାରୀଙ୍କୁ ଯୋଜନାରେ ସାମିଲ ଉପରେ ଗୁରୁତ୍ୱ



ବୈଠକରେ ଯୋଗ ଦେଇଥିବା ଦଳୀୟ କର୍ମକର୍ତ୍ତା।

**କଣିହାଁ, ୨୪।୭(ଡି.ଏନ.ଏ.)**

ପାଲଲହଡ଼ା ବିଧାନସଭା କ୍ଷେତ୍ର ଅଧୀନ କଣିହାଁ ବ୍ଲକ ବିଜେଡିର ଏକ ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ ପାଲଙ୍କ ପରାମର୍ଶକ୍ରମେ ରେଙ୍ଗାଳି ପଞ୍ଚାୟତ ଦେନାଳୀ ଗ୍ରାମ ରାମେଶ୍ୱର ମନ୍ଦିରଠାରେ ଆୟୋଜିତ ବୈଠକରେ ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ହିମାଞ୍ଚଳ ପଣ୍ଡା, ଜିଲା ଉପସଭାପତି ବାବୁଲା ପ୍ରଧାନ, ସମ୍ପାଦକ ଝସକେତନ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ସଙ୍ଗଠନର ଉନ୍ନତି ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯୁବକର୍ମୀ ସୁବାସ ମହାନ୍ତି, ଜୟନ୍ତ ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ମଦ ଜବତ, ଜଣେ ଗିରଫ

**ବଇଣ୍ଡା, ୨୪।୭(ଡି.ଏନ.ଏ.)**

ହଣ୍ଡପା ପୋଲିସ ମଙ୍ଗଳବାର ରାତିରେ ଆମ୍ବଶରମୁଣ୍ଡା ଗ୍ରାମରେ ଚଢ଼ାଉ କରି ଚେରୁ ମାଝିଙ୍କ ଘରୁ ୩୦ ପାଉଚ ଦେଶୀ ମଦ ଜବତ କରିଛି। ଏଥସହ ଚେରୁଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରାଯାଇଛି। ସେ ଘରେ ବେଆଇନ ଭାବେ ଚୋରା ଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ନଂ. ୧୨୩/୧୯ରେ ମାମଲା ରୁଜୁ ହୋଇଛି।

## ଆଜି ଜିଲାପାଳ କାର୍ଯ୍ୟାଳୟ ଘେରିବ କଂଗ୍ରେସ

**ଅନୁଗୋଳ ଅଫିସ, ୨୪।୭**

ଜିଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରେ ସୁଧାର, ନାବାଳିକା ବଳାତ୍କାରୀଙ୍କୁ କଠୋର ଦଣ୍ଡ, ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ମୃତଦେହରୁ ଆଖିଗାଏବ ଘଟଣାର ତଦନ୍ତ, ବୁଧବାର ତାଳଚେରରେ ଖଣି ଦୁର୍ଘଟଣାରେ ଏମ୍‌ସିଏଲ୍‌ର ଜିଏମ୍‌ଙ୍କୁ ଗିରଫ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଚାକିରି ଦାବିରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ କଂଗ୍ରେସ। ଏ ନେଇ ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ମୁଖପାତ୍ର ସସ୍ମିତା ବେହେରା ସୂଚନା ଦେଇଛନ୍ତି।

# ୪୩ ଜଣଙ୍କୁ ଗୃହ କାର୍ଯ୍ୟାଦେଶ ବଣ୍ଟନ

**ଛେଣ୍ଡିପଦା,୨୪।୭(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବୁଧବାର ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ବ୍ଲକର ୧୪ଟି ପଞ୍ଚାୟତର ୪୩ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବୁଧବାର ପୂର୍ବାହ୍ନ ୧୦ଟାରେ ବିଡିଓ ରୋମାଞ୍ଚଳ ଖମାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଯୋଜନାର କାର୍ଯ୍ୟାଦେଶ ପାଇବାପରେ ୪ ମାସ ମଧରେ ଘରକୁ ସମ୍ପୂର୍ଣ୍ଣ କଲେ ରାଜ୍ୟ ସରକାର ଘୋଷଣା କରିଥିବା ୨୦ ହଜାର ଟଙ୍କାର ବୋନସ ହିତାଧିକାରୀ ପାଇ ପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପର୍ଯ୍ୟାୟ କ୍ରମେ ଅନ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ବ୍ଲକ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କମ୍ପ୍ୟୁଟର ପ୍ରୋଗ୍ରାମର ବାବୁଲି ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁ ଓ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

## କେନାଲ କାମକୁ ନେଇ ଉତ୍ତେଜନା ଘଟଣା
# ଆଜି ପୁରୁଣାଗଡ଼ବାସୀଙ୍କ ଆନ୍ଦୋଳନ



**ଛେଣ୍ଡିପଦା,୨୪।୭ (ଡି.ଏନ.ଏ./ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗେଡିଆ ସଜରାସାହିରୁ ପୁରୁଣାଗଡ ଲମ୍ବିଥିବା ବାଲିବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କେନାଲ କାମକୁ ନେଇ ଗତ ଶନିବାର ଉତ୍ତେଜନା ଦେଖାଯିବା ଘଟଣାର ସମାଧାନ ହୋଇପାରିନାହିଁ। ତୁରନ୍ତ ଏହାର ପ୍ରତିକାର ସହ କେନାଲ ଓ ହୁଡା ରାସ୍ତା ମରାମତି ଦାବିରେ ଗୁରୁବାର ସକାଳୁ ପୁରୁଣାଗଡ ଗ୍ରାମବାସୀ ବାଗେଡିଆ ସଜରାସାହି ଠାରେ ୧୪୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର, ଛେଣ୍ଡିପଦା ଥାନା ଅଧିକାରୀ ଏବଂ ଜଳସେଚନ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବର୍ଷା ଅଭାବ ଯୋଗୁ ଅଞ୍ଚଳରେ ମରୁଡ଼ି ସ୍ଥିତିର ଆଶଙ୍କା ଥିବାରୁ ଏହି କେନାଲ ମରାମତି ଆବଶ୍ୟକ ବୋଲି ଗ୍ରାମବାସୀ କହିଛନ୍ତି। ଏଥିସହ କେନାଲ ହୁଡା ରାସ୍ତା କାମ ନ ହେଲେ ସ୍ଥାନୀୟ ଲୋକଙ୍କ ଗମନାଗମନରେ ଅସୁବିଧା ହେବ। ତେଣୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦିଆଯାଇଛି।

# ହାତୀ ପାଇଁ ରାତି ଅନିଦ୍ରା



ଜଙ୍ଗଲରୁ ବାହାରି ଗାଁ ମୁହାଁ ହେଉଛନ୍ତି ହାତୀ।

- ୨୩ ଗୋଠିଆ ହାତୀଙ୍କ ଉପଦ୍ରବ ଜାରି
- ବନ ବିଭାଗରେ ନାହାନ୍ତି ପର୍ଯ୍ୟାପ୍ତ କର୍ମଚାରୀ
- ଖରାଟିଆ ଫସଲ ଚିନ୍ତାରେ ଚାଷୀ

**ଚମ୍ପୁଆ, ୨୪।୭(ଡି.ଏନ.ଏ.)**

ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ ଦିନକୁ ଦିନ ବଢି ଚାଲିଥିବା ବେଳେ ବନ ବିଭାଗର ନାଚର ପଣିଆ ଗ୍ରାମବାସୀଙ୍କୁ ରାତ୍ରୀ ଅନିଦ୍ରା ହେବାକୁ ବାଧ କରୁଛି। ବର୍ଷା ଅଭାବରୁ ଚମ୍ପୁଆ ବ୍ଲକରେ ମରୁଡି ଆଶଙ୍କା ଦେଖା ଦେଇଥିବା ବେଳେ ଚାଷୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଯାହା ବି ଖରାଟିଆ ଚାଷ କରିଥିଲେ ତାହାକୁ ହାତୀ ଦାଉରୁ ରକ୍ଷା କରିବା ଚିନ୍ତା ଏବେ ଚାଷୀଙ୍କୁ ଘାରିଛି। ସୀମିତ କେତେକ ଗାର୍ଡ ଦ୍ୱାରା ହାତୀ ଘଉଡାଇବା କାର୍ଯ୍ୟ କରାଯାଉଛି। ହେଲେ ଗାର୍ଡ ଅନୁପାତରେ ହାତୀ ମାନଙ୍କ ସଂଖ୍ୟା ଅଧିକ ଥିବାରୁ ହାତୀ ଘଉଡାଇବା ଯୋଜନା ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ବଢୁଥିବା ଅସନ୍ତୋଷ ଏବେ ଆନ୍ଦୋଳନର ଦାନା ବାନ୍ଧିବା ଆରମ୍ଭ କଲାଣି। ବନ ବିଭାଗ ଶସ୍ୟ କ୍ଷୟ କ୍ଷତି ପାଇଁ ସରକାରଙ୍କ ପକ୍ଷରୁ ସହାୟତା ଦିଆଯିବ ବୋଲି ଗ୍ରାମବାସୀଙ୍କୁ ବୁଝାଉଥିଲେ ମଧ ରାତି ଅନିଦ୍ରା ହୋଇ ହାତୀ ପଲ ପଛରେ ନିଜ ଶସ୍ୟକ୍ଷେତ୍ରକୁ ରକ୍ଷା କରିବା ପାଇଁ ଧାଁଧପଡ଼ କରୁଥିବା ଦେଖିବାକୁ ମିଳିଛି। ଗତ ୩ ରୁ ୪ ଦିନ ହେବ ୨୩ ଗୋଠିଆ ହାତୀ ପଲ ମୁକୁନ୍ଦପୁର,ଜାମୁଦଲକ, ଅଡଙ୍ଗାପାଳ ଓ ମିରିଗିଶିଙ୍ଗା ଅଞ୍ଚଳ ଛାଡି ଯାଉ ନ ଥିବା ବେଳେ ଗତ ମଙ୍ଗଳବାର ରାତିରେ ଏହି ୨୩ ଗୋଠିଆ ହାତୀ ପଲ ଗୋଧୂଳି ଆମ୍ବ ବଗିଚାରେ ଅବସ୍ଥାନ କରିଛନ୍ତି। ଗତ ରାତି ଏହି ହାତୀ ପଲ ଗୋଧୂଳି ଅଞ୍ଚଳର ବହୁ ଧାନ ବିଲକୁ ମାଡି ଚକଟି ନଷ୍ଟ କରିଛନ୍ତି। ଫଳରେ ଚାଷୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ହାତୀ ଘଉଡାଇ ଧନ ଜୀବନକୁ ସୁରକ୍ଷା ଦେବା ପାଇଁ ଅଧିକ କର୍ମଚାରୀ ନିଯୁକ୍ତ କରିବାକୁ ଗ୍ରାମବାସୀମାନେ ଦାବି କରିଥିବା ଜଣାଯାଇଛି।

## ଟେକ୍ନିସିଆନ ଅଭାବରୁ ରୋଗୀ ହଇରାଣ

**ଚମ୍ପୁଆ,୨୪।୭(ଡି.ଏନ.ଏ)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବ୍ରୋଟାରୀ ଟେକ୍ନିସିଆନ ନଥିବାରୁ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ରୋଗୀମାନେ ବାହାର ପାଥୋଲ୍ୟାବ ଉପରେ ନିର୍ଭର କରି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ମାଗଣା ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରାଯାଇଛି ମାତ୍ର ଟେକ୍ନିସିଆନ ନ ଥିବାରୁ ରୋଗୀ ବାଧହୋଇ ବାହାରେ ପରୀକ୍ଷା କରୁଛନ୍ତି। ସୂଚନା ଅନୁସାରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଟେକ୍ନିସିଆନ ଗତ ମାସ ଅବସର ନେବାପରେ ଏହି ପଦ ଖାଲି ପଡିଛି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଟେକ୍ନିସିଆନ ନିଯୁକ୍ତି କରିବାକୁ ଦାବି ହୋଇଛି।

# ଉଦ୍ଧାର ନାବାଳକ ମା' ବାପାଙ୍କୁ ହସ୍ତାନ୍ତର

**ଚମ୍ପୁଆ, ୨୪।୭(ଡି.ଏନ.ଏ.)**

ଚମ୍ପୁଆ ସଦର ମହକୁମା ସ୍ଥିତ ବେସରକାରୀ ବସ୍‌ଷ୍ଟାଣ୍ଡଠାରେ ଏକ ୭ ବର୍ଷର ନାବାଳକ ବିଜୁ ଯୁବ ବାହିନୀ ସମ୍ପାଦକ ଛତ୍ରପତି ନାଏକ ଓ ତାଙ୍କ ବନ୍ଧୁ ହିମାଂଶୁ ଶେଖର ବେହେରାଙ୍କ ଦ୍ୱାରା ମଙ୍ଗଳବାର ରାତି ଉଦ୍ଧାର ହୋଇଥିବା ଜଣାପଡିଛି। ଉଦ୍ଧାର ପରେ ନାବାଳକୁ ଚମ୍ପୁଆ ଥାନାରେ ଜିମା ଦିଆଯାଇଛି। ଘଟଣା ଅନୁଯାୟୀ ଗତ ମଙ୍ଗଳବାର ସନ୍ଧ୍ୟା ୭ଟାରେ ବସ୍‌ଷ୍ଟାଣ୍ଡ ନିକଟ ଜନଶୂନ୍ୟ ଅଞ୍ଚଳରେ ବିଦ୍ୟାଳୟ ପୋଷାକ ପରିଧାନ କରିଥିବା ଏକ ନାବାଳକ କାନ୍ଦୁଥିବାର ଦେଖି ଉକ୍ତ ରାସ୍ତା ଦେଇ ଆସୁଥିବା ଛତ୍ରପତି ନାଏକ ଓ ତାଙ୍କ ସାଙ୍ଗ ହିମାଁଶୁ ଶେଖର ବେହେରା ଶିଶୁଟିକୁ କାନ୍ଦିବାର କାରଣ ପଚାରିବା ସହିତ ଘର କେଉଁଠି ପଚାରିଥିଲେ ମଧ ଶିଶୁଟି ସଠିକ ଉତ୍ତର ଦେବାରେ ସକ୍ଷମ ହୋଇପାରି ନ ଥିଲା। କେବଳ ଶିଶୁଟି ମା' ସହିତ ଆସିଥିବା ପ୍ରକାଶ କରିଥିଲା। ଘର ଠିକଣା ଏବଂ ବାପାଙ୍କ ନାମ କହିପାରୁନଥିବା ଶିଶୁଟିକୁ ସମ୍ପାଦକ ଚମ୍ପୁଆ ଥାନାରେ ଜିମା ଦେଇଥିଲେ। ପରେ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯିବା ପରେ ଖବର ପାଇ ଶିଶୁଙ୍କ ବାପା, ମା' ଚମ୍ପୁଆ ଥାନାରେ ପହଞ୍ଚିଥିଲେ। ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ତାଙ୍କ ବାପାମା'ଙ୍କୁ ଶିଶୁକୁ ହସ୍ତାନ୍ତର କରିଥିଲେ। ଶିଶୁଟି ଖେଳୁଥିବା ଅବସ୍ଥାରେ ବାଟ ଭୁଲି ପଳାଇ ଆସିଥିବା ଅନୁମାନ କରାଯାଇଛି।

# ଇଷ୍ଟଇଣ୍ଡିଆ କମ୍ପାନୀରୁ ଏମ୍‌ସିଏଲ୍

୧୯୧୨ରେ ଇଷ୍ଟଇଣ୍ଡିଆ କମ୍ପାନୀ ତାଳଚେରଠାରେ କୋଇଲା ସନ୍ଧାନ ପାଇଁ ସର୍ଭେ କରିଥିଲା। ସେହିବର୍ଷ ଏଠାରେ କୋଇଲା ଥିବା ଜଣାପଡିବା ପରେ ତତ୍‌କାଳୀନ ରାଜାଙ୍କ ଅନୁମତି ନେଇ ୧୯୧୬ରେ ଭିଲିୟର୍ସ ନାମକ କମ୍ପାନୀ ହାଣ୍ଡିଧୂଆଁଠାରେ କୋଇଲା ଖଣି ଆରମ୍ଭ କଲା। ପରେ ଡେରା, ବଳଣ୍ଡା ଆଦି ଅଞ୍ଚଳରେ ଖଣି ଖୋଲା ଯାଇଥିଲା। ତେବେ ୧୯୯୨ ଏପ୍ରିଲ ୩ରେ ଓଡ଼ିଶାର କୋଇଲା ଖଣିଗୁଡ଼ିକୁ ନେଇ ମହାନଦୀ କୋଲ୍ ଫିଲଡସ (ଏମ୍‌ସିଏଲ୍) ଜନ୍ମ ନେଇଥିଲା। ଇବ୍ ଭ୍ୟାଲି ସହ ଏବେ ତାଳଚେରର ହିଙ୍ଗୁଳା, ବଳରାମ, ଭରତପୁର, ନନ୍ଦିରା, ଜଗନ୍ନାଥ, ଅନନ୍ତ, ଲିଙ୍ଗରାଜ, ଭୁବନେଶ୍ୱରୀ, କଣିହାଁ ଓପନକାଷ୍ଟ, ନନ୍ଦିରା ଓ ଡେରା ଅଣ୍ଡର ମାଇନିଙ୍ଗ ଖଣିରୁ ଏମ୍‌ସିଏଲ୍ କୋଇଲା ଉତ୍ତୋଳନ କରୁଛି। ଖଣି ଆରମ୍ଭ ବେଳେ ଏମ୍‌ସିଏଲ୍‌ର ଉତ୍ପାଦନ କ୍ଷମତା ଥିଲା ବାର୍ଷିକ ୨୨ ମିଲିୟନ ଟନ୍। ସେଥିରୁ ତାଳଚେରରୁ ୧୬ ଓ ଇବ୍‌ଭ୍ୟାଲିରୁ ୬ ମିଲିୟନ ଟନ୍ ଉତ୍ତୋଳନ ହେଉଥିଲା। ଏବେ କେବଳ ତାଳଚେର କୋଲ୍ ଫିଲଡସରୁ ଗତବର୍ଷ ୮୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ ହୋଇଛି। ଆଗାମୀ ୫ ବର୍ଷରେ ଏମ୍‌ସିଏଲ୍ ତାଳଚେର କୋଲ୍ ଫିଲ୍‌ଡସରୁ ୨ଶହ ମିଲିୟନ ଟନ୍‌କୁ ମିଶାଇ ମୋଟ୍ ୩ଶହ ମିଲିୟନ ଟନ୍ ଉତ୍ପାଦନ କରିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପ୍ରତିଦିନ ତାଳଚେରରୁ ୨.୫ ଲକ୍ଷ ଟନ୍ କୋଇଲା ଉତ୍ତୋଳନ ସହ ପରିବହନ କରାଯାଉଛି।


ମାଟି ଓ କୋଇଲା ଧସିବାପରେ ୪ ଶ୍ରମିକ, କର୍ମଚାରୀଙ୍କ ସହ ଗାଡ଼ି ଗୁଡିକ ପୋତି ହୋଇପଡିଛି


ବିଧାୟକଙ୍କ ଉପସ୍ଥିତିରେ ରେସ୍କ୍ୟୁ ଟିମ୍ ଉଦ୍ଧାର କାର୍ଯ୍ୟ କରୁଛନ୍ତି।

## ସବୁ ଥାଇ ଉଦ୍ଧାରରେ ବିଳମ୍ବ

ଏମ୍‌ସିଏଲ୍‌ର ସ୍ୱତନ୍ତ୍ର ରେସକ୍ୟୁ ଟିମ୍ ଓ ଦମକଳ ବିଭାଗ ରହିଛି। ହେଲେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର ପାଇଁ ସମସ୍ତ ବ୍ୟବସ୍ଥା ଥାଇ ବି ଶ୍ରମିକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ବହୁ ବିଳମ୍ବ ହୋଇଥିଲା। ଏପରି କି ଅପରାହ୍ନ ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ହୋଇପାରି ନ ଥିଲା। ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପହଞ୍ଚିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା।

## କଳା ତାଲିକା ଭୁକ୍ତ ପାଇଁ ଦାବି

ଏମ୍‌ସିଏଲ୍‌ଠାରୁ କୋଇଲା ଉତ୍ତୋଳନ ଦାୟିତ୍ୱ ନେଇଥିବା ଘରୋଇ କମ୍ପାନୀ ଶ୍ରମିକମାନଙ୍କ ସୁରକ୍ଷା ନ ଦେଖି ବିପଦପୂର୍ଣ୍ଣ ସ୍ଥାନରେ କାମରେ ନିୟୋଜିତ କରୁଛି। ସେଥିପାଇଁ ଏହି ଦୁର୍ଘଟଣା ଘଟି ଶ୍ରମିକମାନଙ୍କ ଜୀବନ ବିପଦାପନ୍ନ ହୋଇପଡ଼ିଲା। ଏଭଳି କମ୍ପାନୀକୁ କଳା ତାଲିକା ଭୁକ୍ତ କରାଯାଉ ବୋଲି ଶ୍ରମିକମହଲରେ ଦାବି ଉଠିଛି।

## ଅଧିକ ଉତ୍ପାଦନ, ସୁରକ୍ଷାକୁ ଅଣଦେଖା

ଘରୋଇ କମ୍ପାନୀ ଦ୍ୱାରା କୋଇଲା ଉତ୍ତୋଳନ କରୁଛି ଏମ୍‌ସିଏଲ୍। ଅଧିକ ଉତ୍ପାଦନ ନିମନ୍ତେ ଟାର୍ଗେଟ ମଧ୍ୟ ଦେଉଛି। ହେଲେ କର୍ମଚାରୀ, ଶ୍ରମିକଙ୍କ ସୁରକ୍ଷା ପ୍ରତି ଏମ୍‌ସିଏଲ୍ କିମ୍ବା ଘରୋଇ କମ୍ପାନୀ କେହି ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଆଇଏନ୍‌ଟିୟୁସି, ବିଏମ୍‌ଏସ୍, ଏଚ୍‌ଏମ୍‌ଏସ୍ ଶ୍ରମିକ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି।

## କାଗଜପତ୍ରରେ ବ୍ୟବସ୍ଥା

ଖଣି ଭିତରେ ଓ ବାହାରେ ସୁରକ୍ଷା ତଦାରଖ ନିମନ୍ତେ ଖଣି ସୁରକ୍ଷା ବିଭାଗ ରହିଛି। ହେଲେ ବିଭାଗୀୟ ଅଧିକାରୀ ଗେଷ୍ଟ ହାଉସର ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏଭଳି ଅସୁରକ୍ଷିତ ତଥା ବିପଦପୂର୍ଣ୍ଣ ଅବସ୍ଥାରେ ସୁରକ୍ଷା ବିଭାଗ ଖଣିରେ କୋଇଲା ଖୋଳିବା ପାଇଁ କିପରି ଅନୁମତି ଦେଉଛି ତାହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

## ରାତିରେ ବ୍ଲାଷ୍ଟିଂ ମନା ନିୟମକୁ ଫୁ

ରାତିରେ କୋଇଲା ଖଣିରେ ବ୍ଲାଷ୍ଟିଂ କରାଯାଇ ପାରିବ ନାହିଁ। କିନ୍ତୁ ଏହାକୁ ଅନେକ ସମୟରେ ଖଣି କର୍ତ୍ତୃପକ୍ଷ ଓ ଘରୋଇ କମ୍ପାନୀ ମାନୁ ନାହାନ୍ତି। ମଙ୍ଗଳବାର ରାତିରେ ବ୍ଲାଷ୍ଟିଂ ହେବା ଯୋଗୁ ଏଭଳି ପରିସ୍ଥିତି ଉପୁଜିଲା ବୋଲି କେତେଜଣ ଶ୍ରମିକ ପ୍ରକାଶ କରିଛନ୍ତି।

## ପୂର୍ବରୁ ଫାଟ ଯୋଗୁ ବନ୍ଦ ଥିଲା

ଖଣିର ଉପରମୁଣ୍ଡର ଯେଉଁ ସ୍ଥାନରୁ ଅତଡ଼ା ଖସିଛି ପୂର୍ବରୁ ସେଠାରେ ଫାଟ ସୃଷ୍ଟି ହୋଇଥିଲା ଓ ସିମ୍ ଗୁଡିକ ୨ଫୁଟ ଆଗକୁ ବାହାରି ଆସିଥିଲା। ଦେଢବର୍ଷ ତଳେ ଏଥିପାଇଁ କୋଇଲା ଉତ୍ତୋଳନ ବନ୍ଦ କରାଯାଇଥିଲା। କିନ୍ତୁ ପୁନର୍ବାର ସେହି ବିପଦପୂର୍ଣ୍ଣ ସ୍ଥାନରୁ କୋଇଲା ଉତ୍ତୋଳନ ନିମନ୍ତେ ବ୍ଲାଷ୍ଟିଂ କରାଯିବାରୁ ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଛି।



## ଜିଲାପାଳ ଡାକିବା ପରେ ଅଧିକାରୀମାନେ ଆସିଲେ

ମଙ୍ଗଳବାର ରାତିରୁ ଦୁର୍ଘଟଣା ଘଟିଥିଲେ ବି ଖଣି କର୍ତ୍ତୃପକ୍ଷ କିମ୍ବା ସମ୍ପୃକ୍ତ କମ୍ପାନୀ ଅଧିକାରୀଙ୍କ ଦୀର୍ଘ ସମୟ ପର୍ଯ୍ୟନ୍ତ ଦେଖା ନ ଥିଲା। ଜିଲାପାଳ, ଏସ୍‌ପି, ଉପଜିଲାପାଳ, ଏସ୍‌ଡିପିଓ ଆସି ଘଟଣାସ୍ଥଳ ପରିଦର୍ଶନ କରି ଭରତପୁର ଟିମ୍ ଅଫିସରେ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ସେଠାରେ ଜିଲାପାଳ, ଏସ୍‌ପି ଅପେକ୍ଷା କରିବା ପରେ ଏବଂ ସେଠାରୁ ଖବରଦେବା ପରେ ଅଧିକାରୀମାନେ ଆସିଥିଲେ।

## ଦୋଷୀଙ୍କୁ ଗିରଫ କରାଯାଉ

ଭରତପୁର କୋଇଲା ଖଣିର ଜେନେରାଲ ମ୍ୟାନେଜର, ପ୍ରକଳ୍ପ ଅଧିକାରୀ, ସେଫ୍ଟି ଅଫିସର, ସିକଲ କମ୍ପାନୀ ଅଧିକାରୀମାନେ ଏଥିପାଇଁ ଦାୟୀ। ତୁରନ୍ତ ସେମାନଙ୍କୁ ଗିରଫ କରାଯାଉ। ଆହତମାନଙ୍କୁ ୨୦ ଲକ୍ଷ ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ସଭାପତି ରାଜକିଶୋର ସାହୁ ଦାବି କରିଛନ୍ତି। ସେହିପରି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ କାଳନ୍ଦୀ ସାମଲ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଘରୋଇ ସିକଲ କମ୍ପାନୀ ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି କାମ କରୁଥିବାରୁ ଏଭଳି ଘଟଣା ଘଟିଲା ବୋଲି ସେ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି। ପଦ୍ମାବତୀପୁର ସରପଞ୍ଚ ଝୁଲଣା ପରିଡା କହିଛନ୍ତି, ଡେରା-କନ୍ଧବେରେଣୀ ରାସ୍ତା ତଳୁ କୋଇଲା ଖୋଳି ନିଆଯାଇଛି। ରାସ୍ତା ଫାଟି ଆଁ କରି ରହିଛି। ରାସ୍ତା ତଳେ ଥିବା କୋଇଲାରେ ନିଆଁ ଲାଗିଛି। ଏହା କେତେବେଳେ ଭୁଶୁଡ଼ିପଡିବ କହି ହେବ ନାହିଁ।




ସେଣ୍ଟ୍ରାଲ ହସ୍ପିଟାଲରେ ଚିକିତ୍ସିତ ଗୁରୁତର ମାନେ







## ଗାଡ଼ି ସହ ୩୦ ଫୁଟ ଉପରକୁ ଉଠିଗଲୁ

କିଛି ସମୟ କାମ କରିଛୁ। ଏହି ସମୟରେ ହଠାତ ପାହାଡ଼ ଭଳି ମାଟି ଅତଡା ଖଣି ଭିତରକୁ ଖସି ପଡିଲା। ଥୁଆ ହୋଇଥିବା ଗାଡିଗୁଡ଼ିକ ସହ ଆମକୁ ପ୍ରାୟ ୨୦/୩୦ ଫୁଟ ଉପରକୁ ଉଠାଇ କଚାଡ଼ି ଦେଲା। ମାଟି ଗଦା ନିକଟରେ ଗାଡି ପଡ଼ିଯିବା ପରେ ଆମେ ଜୀବନ ବିକଳରେ ସେଥିରୁ ବାହାରି ଆସିଲୁ। ଭୟରେ ଦେହ ହାତ ଥରୁ ଥାଏ। ରାତି ପ୍ରାୟ ୧୧ଟା ୩୦ରେ ଦୁର୍ଘଟଣା ଘଟିଥିଲେ ବି ଦୀର୍ଘ ୫ ଘଣ୍ଟା ଧରି ଆମେ ସେଠାରେ ପଡ଼ି ରହିଥିଲୁ। ବହୁ ବିଳମ୍ବରେ ଆମକୁ ଉଦ୍ଧାର କରାଯାଇ ହସ୍‌ପିଟାଲରେ ଭର୍ତ୍ତି କରାଗଲା ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି।


ଭରତପୁର ଟିମ୍ ଅଫିସରେ ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀମାନେ।


ଭରତପୁର ଜିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ।

ରିପୋର୍ଟ: ମନୋଜ ନନ୍ଦ

